ସିଏଚଆରଆଇ ୨୦୧୫

# ପୁଲିସ୍ ସମ୍ବନ୍ଧୀୟ
# ୧୦୧ଟି ବିଷୟ ଯାହା ଆପଣ ଜାଣିବାକୁ ଚାହାଁନ୍ତି
# ମାତ୍ର ପଚାରିବା ପାଇଁ ଭୟ କରନ୍ତି




CHRI
Commonwealth Human Rights Initiative
ରାଜ୍ୟଗୋଷ୍ଠୀ ଦେଶମାନଙ୍କରେ ମାନବିକ ଅଧିକାରର ବ୍ୟବହାରିକ କାର୍ଯ୍ୟପାଇଁ କାମ କରୁଛି

# କମନଓ୍ୱେଲଥହ୍ୟୁମାନ ରାଇଟଇନିସିଏଟିଭ୍

କମନଓ୍ୱେଲଥହ୍ୟୁମାନ ରାଇଟଇନିସିଏଟିଭ୍ (ସି.ଏଚ.ଆର.ଆଇ) ଏକ ସ୍ୱାଧୀନ ନିର୍ଦଳୀୟ ଅର୍ନ୍ତଜାତିକ ବେସରକାରୀ ଅନୁଷ୍ଠାନ ଯାହାରାଜ୍ୟଗୋଷ୍ଠୀ ଦେଶମାନଙ୍କରେ ପ୍ରକୃତ ପକ୍ଷେ ମାନବିକ ଅଧିକାର ସୁରକ୍ଷା କରିବା ପାଇଁ ନିର୍ଦ୍ଦେଶିତ । ୧୯୮୭ରେ ଅନେକ ରାଜ୍ୟଗୋଷ୍ଠୀ ପେଷାଦାର ସଙ୍ଗଠନ ଦ୍ୱାରା ସି.ଏଚ.ଆର.ଆଇ. ପ୍ରତିଷ୍ଠିତ । ସେମାନେ ବିଶ୍ୱାସକରନ୍ତି ଯେ ରାଜ୍ୟଗୋଷ୍ଠୀ ଯେତେବେଳେ ସଦସ୍ୟ ରାଷ୍ଟ୍ରମାନଙ୍କୁ କାର୍ଯ୍ୟକରିବା ପାଇଁ ଭାଗିଦାରୀ ମୂଲ୍ୟବୋଧ ଗୁଡ଼ିକ ଏବଂ ଆଇନଗତ ନୀତି ପ୍ରଦାନ କରିଛି ଏବଂ ତାମଧରେ ମାନବିକ ଅଧିକାର ପ୍ରସାର ପାଇଁ ସଙ୍ଘ ପ୍ରଦାନ କରିଛି ସେଠାରେ ରାଜ୍ୟଗୋଷ୍ଠୀ ମଧରେ ମାନବିକ ଅଧିକାର ବିଷୟଉପରେ ଅଳ୍ପ ଦୃଷ୍ଟି ରହିଛି ।

ସି.ଏଚ.ଆର.ଆଇର ଉଦ୍ଦେଶ୍ୟ ହେଉଛି ରାଜ୍ୟଗୋଷ୍ଠୀ ହାରାରେ ନୀତି, ସାର୍ବଜନୀନ ମାନବିକ ଅଧିକାର ଘୋଷଣା ନାମା ଏବଂ ଅନ୍ୟ ଅର୍ନ୍ତଜାତିକ ମାନବିକ ଅଧିକାର ବସ୍ତୁ ଏବଂ ତତ୍‌ସହିତ ରାଜ୍ୟଗୋଷ୍ଠୀ ସଦସ୍ୟ ରାଷ୍ଟ୍ର ମାନଙ୍କର ମାନବିକ ଅଧିକାରକୁ ସହଯୋଗ କରୁଥିବା ଘରୋଇ ବସ୍ତୁ ଉପରେ ସଚେତନତା ସୃଷ୍ଟି କରିବା ।

ଏହା ରବିବରଣୀ ଏବଂ ପାକ୍ଷିକ ଅନୁସନ୍ଧାନ ଦ୍ୱାରାସି.ଏଚ.ଆର.ଆଇ ରାଜ୍ୟ ଗୋଷ୍ଠୀ ଦେଶ ମାନଙ୍କରେ ମାନବିକ ଅଧିକାରର ପ୍ରଗତି ଏବଂ ଆଘାତ ଉପରେ ଦୃଷ୍ଟି ଆକର୍ଷଣ କରିଥାଏ । ମାନବିକ ଅଧିକାରର ଅପବ୍ୟବହାର ଦୂର କରିବା ପାଇଁ ଉପାୟଏବଂ କାର୍ଯ୍ୟକ୍ରମ ପାଇଁ ଜନ ଓକିଲାତି କଲାବେଳେ ସି.ଏଚ.ଆର.ଆଇ. ରାଜ୍ୟଗୋଷ୍ଠୀ ସଚିବାଳୟ, ସଦସ୍ୟ ରାଷ୍ଟ୍ରଏବଂ ନାଗରିକ ସଙ୍ଗଠନ ମାନଙ୍କୁ ସମ୍ବୋଧନ କରିଥାଏ । ଏହାର ସାଧାରଣ ଶିକ୍ଷା କାର୍ଯ୍ୟକ୍ରମ, ନୀତି, ଆଲୋଚନା, ତୁଳନାତ୍ମକ ଗବେଷଣା, ଓକିଲାତି ଏବଂ ନେଟଓ୍ୱାର୍କିଙ୍ଗ ଦ୍ୱାରା ସି. ଏଚ. ଆର. ଆଇର ଉପାୟ ହେଉଛି ଏହାର ପ୍ରମୁଖ ବିଷୟ ଉପରେ ସକ୍ରିୟ କାର୍ଯ୍ୟକ୍ରମ କରିବା ।

ସି.ଏଚ.ଆର.ଆଇର ପ୍ରସ୍ତାବକ ସଙ୍ଗଠନ ମାନଙ୍କର ସ୍ୱଭାବ ଏକ ଜାତୀୟ ଉପସ୍ଥିତି ଏବଂ ଅର୍ନ୍ତଜାତୀୟ ନେଟ୍‌ଓ୍ୱାର୍କ ପାଇଁ ଅନୁମତି ଦେଇଥାଏ । ଏହି ପେଷାଦାରମାନେ ନିଜର କାର୍ଯ୍ୟକ୍ରମ ମଧରେ ମାନବିକ ଅଧିକାର ନୀୟମକୁ ସନ୍ନିବିଷ୍ଟକରି ଏବଂ ମାନବିକ ଅଧିକାର ସୂଚନା, ମାନ ଏବଂ ଅଭ୍ୟାସକୁ ପ୍ରସାର କରି ସରକାରୀ ନୀତିକୁ ପରିଚାଳନା କରିଥାନ୍ତି । ଏହି ଦଳମାନେ ସ୍ଥାନୀୟ ଜ୍ଞାନ ଆଣି ଥାଆନ୍ତି, ନୀତି ପ୍ରଣୟନ କାରିଙ୍କ ପାଖରେ ପହଞ୍ଚନ୍ତି, ବିଷୟ ବସ୍ତୁ ଉଥାପନ କରିଥାନ୍ତି ଏବଂ ମାନବିକ ଅଧିକାର ପ୍ରସାର କରିବା ପାଇଁ କାର୍ଯ୍ୟ କରିଥାନ୍ତି ।

ସି.ଏଚ.ଆର.ଆଇ. ନୂଆଦିଲ୍ଲୀ ଠାରେ ଅବସ୍ଥିତ ଏବଂ ଏହାର କାର୍ଯ୍ୟାଳୟ ଲଣ୍ଡନ, ୟୁକେ ଏବଂ ଆକ୍ରା, ଘାନାରେ ରହିଛି । **ଅର୍ନ୍ତଜାତୀୟ ଉପଦେଷ୍ଟା ଆୟୋଗ :** ଯସପାଲଘାଇ-ଅଧକ୍ଷ । ସଦସ୍ୟ : ସାମ ଅକୁଡଜେଟୋ, ଆଲିସନ ଡକ୍ସବୁରି, ନିଭିଲିଲି ନଟନ, ଓ୍ୱାଜାହାଟ ହବିବୁଲ୍ଲା, ବିବେକ ମାରୁ, ଏଡଓ୍ୱାଡ ମୋଟିମର, ମାଜା ଦାରୁଓ୍ୱାଲା

**କାର୍ଯ୍ୟକାରୀ ସମିତି (ଭାରତ) :** ଓ୍ୱାଜାହାଟ ହବିବୁଲ୍ଲା - ଅଧକ୍ଷ ସଦସ୍ୟ : ବି. କେ. ଚନ୍ଦ୍ରଶେଖର, ନିତିନ ଦେଶାଇ, ସଞ୍ଜୟ ହାଜାରିକା, କମଲ କୁମାର, ପୁନମମୁ ତ୍ରେଜା, ରୁମାପାଲ, ଜ୍ୟାକବ୍ ପୁନୋଜି, ଏପିସାହା, ମାଜା ଦାରୁଓ୍ୱାଲା ।

**କାର୍ଯ୍ୟକାରୀ ସମିତି (ଘାନା) :** ସାମ ଅକୁଡ଼ଜେଟୋ - ଅଧକ୍ଷ ସଦସ୍ୟ : ଅକୋଟୋ ଆମପାଓ, କୋଫି କ୍ୱାସିଘା, ଯସପାଲଘାଇ, ଓ୍ୱାଜହଟ ହବିବୁଲ୍ଲା, ନିଭିଲିଲି ନଟନ, ଜୁଲିଟି ଡ୍ୱାକ୍ଲି, ମାଜା ଦାରୁଓ୍ୱାଲା ।

**କାର୍ଯ୍ୟକାରୀସମିତି (ୟୁକେ) :** ନିଭିଲି ଲିନଟନ - ଅଧକ୍ଷ ସଦସ୍ୟ : ରିଚାର୍ଡର୍ବୋନି, ମିନାକ୍ଷୀ ଧର, କ୍ଲାରେଡାଉବି, ଫ୍ରାନସେସହରିସନ, ଡିରିକଇଂଗ୍ରାମ, ରିତା ପାୟେନି, ପୂର୍ଣ୍ଣସେନ, ସୟଦ ସରଫଉଦ୍ଦିନ, ଜୋସିଲଭା, ମାଇକେଲଷ୍ଟୋନ ।

କମନଓ୍ୱେଲଥ ଜର୍ନାଲିଷ୍ଟ ଆସୋସିଏସନ, କମନଓ୍ୱେଲଥ ଲୟରସ ଆସୋସିଏସନ, କମନଓ୍ୱେଲଥ ଲିଗାଲ ଏଜୁକେସନ ଆସୋସିଏସନ, କମନଓ୍ୱେଲଥ ପାର୍ଲାମେଣ୍ଟାରି ଆସୋସିଏସନ, କମନଓ୍ୱେଲଥ ପ୍ରେସୟୁନିୟନ ଏବଂ କମନ ଓ୍ୱେଲଥ ବ୍ରଡକାଷ୍ଟିଙ୍ଗ ଆସୋସିଏସନ ।

ଆଇ. ଏସ. ବି.ଏନ୍ : ୮୧-୮୮୨୦୫-୬୭-୨

© କମନଓ୍ୱେଲଥ ହ୍ୟୁମାନ ରାଇଟ ଇନିସିଏଟିଭ, ୨୦୦୯ । ଅନୁବାଦ ଏବଂ ପ୍ରକାଶନ ଫେବୃଆରୀ, ୨୦୧୫ ଉତ୍ସର ପ୍ରାପ୍ତି ସ୍ୱୀକାର କରି ଏହି ବିବରଣୀକୁ ବ୍ୟବହାର କରାଯାଇପାରିବ ।

**ସି.ଏଚ.ଆର.ଆଇ. ମୁଖ୍ୟକାର୍ଯ୍ୟାଳୟ,**
୫୫ ଏ ସିଦ୍ଧାର୍ଥ ଚ୍ୟମ୍ବର୍ସ
କାଲୁସରାଇ, ତୃତୀୟ ମହଲା
ନୂଆଦିଲ୍ଲୀ - ୧୧୦୦୧୬
ଫୋନ : +୯୧-୧୧-୪୩୧୮-୦୨୦୦, ୪୩୧୮-୦୨୦୧
ଫ୍ୟାକ୍ସ : +୯୧-୧୧-୨୬୮୬-୪୬୮୮
email: info@humanrightsinitiative.org

**ସି.ଏଚ.ଆର.ଆଇ. ୟୁନାଇଟେଡ କିଙ୍ଗଡମ,**
ଇନଷ୍ଟିଚ୍ୟୁଟ ଅଫ କମନଓ୍ୱେଲଥ ଷ୍ଟଡିଜ୍
୨୮, ରସେଲ ସ୍କୋୟାର,
ଲଣ୍ଡନ ଡବ୍ଲୁସି୧ବି ୫ଡିଏସ୍ ୟୁକେ
ଫୋନ : +୪୪-୦-୨୦୭-୮୬୨-୮୮୫୭
ଫ୍ୟାକ୍ସ: +୪୪-୦-୨୦୭-୮୬୨-୮୮୨୦
email: chri@sas.ac.uk

**ସି.ଏଚ.ଆର.ଆଇ. ଆଫ୍ରିକା**
ହାଉସ ନଂ-୯, ସାମୋରା ମାକେଲ
ଷ୍ଟ୍ରିଟ ଆସିଲମ ଡାଉନ
ଅପୋଜିଟ ବେଭେରିଲି ହିଲସ ହୋଟେଲ
ନିଅର ଟ୍ରଷ୍ଟ ଟାଓ୍ୱାରସ, ଆକ୍ରା, ଘାନା
ଫୋନ : +୨୩୩-୩୦୨-୯୭୧୧୭୦
ଫୋନ/ଫ୍ୟାକ୍ସ : +୨୩୩-୩୦୨-୯୭୧୧୭୦
email: chriafr@africaonline.com.gh
ùlßaiûAU :www.humanrightsinitiative.org

**www.humanrightsinitiative.org**

# ପୁଲିସ୍ ସମ୍ବନ୍ଧୀୟ
# ୧୦୧ଟି ବିଷୟ ଯାହା ଆପଣ ଜାଣିବାକୁ ଚାହାଁନ୍ତି
# ମାତ୍ର ପଚାରିବା ପାଇଁ ଭୟ କରନ୍ତି




**ଲେଖକ :**

ନଭାଜ କଟୁଆଲ

ମାଜା ଦାରୁୱାଲା

ଓଡ଼ିଆ ଅନୁବାଦ :

**ଡ଼. ବିକାଶ ଦାସ**

ସଭାପତି, କ୍ଲାପ୍

# ପ୍ରାକ୍ କଥନ

ପ୍ରତ୍ୟେକ ଦିନ ଆମେ ପୁଲିସର ସମ୍ପର୍କରେ ଆସିଥାଉ । ଯାତାୟତ ନିୟନ୍ତ୍ରଣ, ଭି.ଆଇ.ପି ସୁରକ୍ଷା, ଗହଳି ନିୟନ୍ତ୍ରଣ, ଲୋକଙ୍କୁ ସୁରକ୍ଷାର ସହ ଅଦାଲତକୁ ନେବା, ସାକ୍ଷ୍ୟ ପ୍ରଦାନ, ପୁଲିସ ଥାନାରେ ଅଭିଯୋଗ ଗ୍ରହଣ ଏବଂ ଘଟଣା ସ୍ଥଳରେ ଅପରାଧୀ ଓ ଆତଙ୍କ ବାଦୀଙ୍କୁ ସାମନା କରିବା ପ୍ରଭୃତି ଅନେକ କର୍ତ୍ତବ୍ୟରେ ସେମାନେ ବ୍ୟସ୍ତଥିବା ଆମେ ଦେଖୁଛେ । ଖବର କାଗଜ, ଟେଲିଭିଜନ ଏବଂ ଲୋକଙ୍କଠାରୁ ପୁଲିସ୍ ସମ୍ପର୍କରେ ଆମେ ଅନେକ ତଥ୍ୟ ଶୁଣୁଛେ । ସମସ୍ତଙ୍କର ପୁଲିସ ସମ୍ପର୍କରେ ଏକ ମନ୍ତବ୍ୟ ରହିଛି ଏବଂ ବେଳେ ବେଳେ ଏହା ଆଦୌ ଅଯୌକ୍ତିକ ହୋଇନଥାଏ । କିନ୍ତୁ ପ୍ରକୃତପକ୍ଷେ ଅଧିକାଂଶ ଲୋକ ସେମାନଙ୍କ ବିଷୟରେ ଅତି ଅଳ୍ପ ଜାଣନ୍ତି ।

ଆମ ଗଣତନ୍ତ୍ରରେ ପୁଲିସ କ୍ଷମତାସୀନ ଥିବା ସରକାରଙ୍କର ଭାବରେ କାର୍ଯ୍ୟ କରନ୍ତି ନାହିଁ ତଥା ଜନସାଧାରଣଙ୍କୁ ନିୟନ୍ତ୍ରଣ ଏବଂ ଅବଦମିତ କରିବାର ପ୍ରୟାସ କରନ୍ତି ନାହିଁ । ଅନ୍ୟପକ୍ଷରେ, ସେମାନେ ଅଗ୍ନିଶମ ଦଳ ବା ରାଜସ୍ୱ ସେବାପରି ସମ ପ୍ରକାରର ଅତ୍ୟାବଶ୍ୟକ ସେବା, ଆଇନ୍ ଅନୁଯାୟୀ ଆମ ସମସ୍ତଙ୍କୁ ସୁରକ୍ଷା ଦେବା ଯାହାର କର୍ତ୍ତବ୍ୟ । ଅମଲାତନ୍ତ୍ର ପରି, ପୁଲିସ ମଧ୍ୟ ନାଗରିକଙ୍କ ଦ୍ୱାରା ପ୍ରଦତ୍ତ ଏବଂ ତାଙ୍କ ସେବାରେ ଥିବା ଲୋକସେବକ ।

ଆମ ପ୍ରତି ପୁଲିସର କର୍ତ୍ତବ୍ୟ ଥିବା ପରି, ଲୋକମାନଙ୍କର ମଧ୍ୟ ପୁଲିସ ପ୍ରତି କର୍ତ୍ତବ୍ୟ ରହିଛି । ଦାୟୀତ୍ୱବାନ ନାଗରିକ ଭାବେ ସେମାନଙ୍କୁ ଡରିବା ବା ନାପସନ୍ଦ କରିବା କିମ୍ବା କେବଳ ଅସୁବିଧାରେ ପଡ଼ିଲେ ତାଙ୍କ ପାଖକୁ ଯିବା ଯଥେଷ୍ଟ ନୁହେଁ । ଲୋକମାନେ ଏବଂ ପୁଲିସ ଆଇନକୁ ବଜାୟ ରଖିବାପାଇଁ ଏକତ୍ର କାମ କରିବା ଆବଶ୍ୟକ । ସେମାନଙ୍କର କାମ ଓ ଆହ୍ୱାନଗୁଡ଼ିକ ସେମାନେ କ'ଣ କରୁଛନ୍ତି ଓ କିପରି କରୁଛନ୍ତି, ତାଙ୍କ ସଙ୍ଗଠନ କିପରି ଦେଖାଯାଉଛି ଏବଂ ସେମାନଙ୍କର କ୍ଷମତା ଓ କର୍ତ୍ତବ୍ୟର ସୀମା ବୁଝିବା ଗୁରୁତ୍ୱପୂର୍ଣ୍ଣ । ଆମ ନିଜର ଅଧିକାର ଓ କର୍ତ୍ତବ୍ୟ ମଧ୍ୟ ବୁଝିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଯାହା ଫଳରେ - ପୁଲିସ କିମ୍ବା ବେସାମରୀକ ବ୍ୟକ୍ତି କେହି ମଧ୍ୟ ଆଇନକୁ ଭଙ୍ଗ କରିପାରିବେ ନାହିଁ ଏବଂ ଖସିଯାଇପାରିବେ ନାହିଁ । ଏହା ହେଉଛି ବିଧି ସଙ୍ଗତ ଶାସନର ଅର୍ଥ ।

ଏହି ଛୋଟ ବହି ଆପଣଙ୍କର ପୁଲିସକୁ ଜାଣିବାପାଇଁ ଏକ ସହଜ ମାର୍ଗଦର୍ଶୀକା । ହାତରେ ଥିବା ଏହି ସୂଚନା ଏହା ନିଶ୍ଚିତ କରାଇବ ଯେ ଆଉଥରେ ପୁଲିସ ଯେତେବେଳେ ଆପଣଙ୍କ ସହିତ ଭୁଲ କରିବ ଚୁପ୍ ହୋଇ ବସିବା ଅପେକ୍ଷା ଆପଣ ସ୍ୱର ଉତ୍ତୋଳନ କରିବାର କ୍ଷମତା ଜାହିର କରିପାରିବେ ଏହି ପୁସ୍ତକଟି ଏହି ଆଶାରେ ପ୍ରକାଶ କରାଯାଉଛି ଯେ, ଜନସାଧାରଣ ପୁଲିସ୍ ସମ୍ପର୍କରେ ପର୍ଯ୍ୟାପ୍ତ ତଥ୍ୟ ଜାଣିପାରିବା ସଙ୍ଗେ ସଙ୍ଗେ ପୁଲିସ୍ ଆଇନ୍ ଏବଂ ନିଜ ଅଧିକାର ସମ୍ପର୍କରେ ଜ୍ଞାନ ଆହରଣ କରି ପୁଲିସ୍ ସେବା ପାଇପାରିବେ ଏବଂ ଏହା ହେଲେ ବର୍ତ୍ତମାନ ପରିସ୍ଥିତିର ଏକ ପରିବର୍ତ୍ତନ ହେବ ।

ସବୁକିଛି ଜାଣି ଏହି ଜ୍ଞାନକୁ ବ୍ୟବହାର କରି ଆମେ ପାଇବାକୁ ଯୋଗ୍ୟଥିବା ଭଲ ପୁଲିସ ସେବାପାଇଁ ଦାବି କରିବେ - ଏହି ଆଶା ସହିତ ଏହି ପୁସ୍ତକାଟି ପ୍ରସ୍ତୁତ କରାଯାଇଛି ।


## ପୁଲିସ୍ ସମ୍ବନ୍ଧୀୟ ୧୦୧ଟି ବିଷୟ ଯାହା ଆପଣ ଜାଣିବାକୁ ଚାହାଁନ୍ତି ମାତ୍ର ପଚାରିବା ପାଇଁ ଭୟ କରନ୍ତି ।



**(୧) ପ୍ର : କ'ଣ ପାଇଁ ଆମର ପୁଲିସ୍ ବାହିନୀ ରହିଛି ?**

ଉ:- ନାଗରିକମାନେ ଯେପରି ନିରାପଦ ଓ ସୁରକ୍ଷିତ ଅନୁଭବ କରିବେ ସେଥିପାଇଁ ଆମର ପୁଲିସ୍ ବାହିନୀ ରହିଛି । ସମାଜରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହିତ ଅପରାଧ ନିବାରଣ ଓ ଚିହ୍ନଟ କରିବା ନିମନ୍ତେ ପୁଲିସ୍ ଅଛନ୍ତି । ଯେପରି ପୁଲିସ୍ ସମେତ ସମସ୍ତେ ଆଇନ୍ କୁ ପ୍ରତ୍ୟେକ ପଦକ୍ଷେପରେ ପାଳନ କରନ୍ତି ସେଥିନିମନ୍ତେ ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ସେମାନେ ରହିଛନ୍ତି ।

**(୨) ପ୍ର: ପୁଲିସ୍ କ'ଣ କରିବ ବୋଲି ଆଶା କରାଯାଏ ?**



ରେଡହ୍ୟାଣ୍ଡ ଧରାପଡିବା

ଉ:- ପୁଲିସ୍ ବାହିନୀର ଅନେକ କର୍ତ୍ତବ୍ୟ ରହିଛି ଯଥା: ଏହା ଅପରାଧ ନିବାରଣ ଓ ନିୟନ୍ତ୍ରଣ କରିବା ସହିତ ଏହା ଯେତେବେଳେ ଘଟିବ ତାହାକୁ ଚିହ୍ନଟ ଏବଂ ସଠିକ ଭାବେ ଅନୁସନ୍ଧାନ କରିବ । ଏହା ମଧ୍ୟ ନ୍ୟାୟାଳୟରେ ଉପସ୍ଥାପନ ପାଇଁ ଅଭିଯୋଜକ (ପ୍ରସିକ୍ୟୁଟର)ଙ୍କ ନିମନ୍ତେ ସାଧୁତାର ସହ ଏକ ସାକ୍ଷ ଆଧାରିତ ମାମଲା ପ୍ରସ୍ତୁତ କରିବ । ସାମଗ୍ରିକ ଭାବେ ଆଇନ୍‌ର ଶୃଙ୍ଖଳା ପାଳନ ଏବଂ ଏଥିନିମନ୍ତେ ଏହା ଯେଉଁ ଗୋଷ୍ଠୀଙ୍କୁ ସେବା ଯୋଗାଉଛି ତା' ଭିତରେ ତଥା ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପୁଲିସ୍ ବାହିନୀର ଦାୟିତ୍ୱ ଅଟେ ।




**(୩) ପ୍ର: ପୁଲିସ୍‌ର କ୍ଷମତା କହିଲେ କ'ଣ ବୁଝାଯାଏ ?**

ଉ:- ପୁଲିସ୍‌ର ସମସ୍ତ ପ୍ରକାରର ବିଭିନ୍ନ କ୍ଷମତା ରହିଛି ଯାହା ଆଇନ୍ ଦ୍ୱାରା ପ୍ରଦତ୍ତ ଏବଂ କେବଳ ଆଇନ୍‌ଦ୍ୱାରା ଗୃହୀତ ବ୍ୟବସ୍ଥା ଅନୁଯାୟୀ ଏହା ବ୍ୟବହୃତ ହେବ । ସେମାନେ ଗିରଫ କରିପାରିବେ, ତଲାସ ଓ ଅଭିଗ୍ରହଣ କରିପାରିବେ, ଅପରାଧ ଅନୁସନ୍ଧାନ କରିବେ, ସାକ୍ଷ୍ୟକୁ ପ୍ରଶ୍ନ କରିପାରିବେ, ସନ୍ଦେହ ପାତ୍ରକୁ ପଚାରିପ୍ରଶ୍ନ କରିବେ, ଅମାନିଆ ଜନତାକୁ ଛତ୍ରଭଙ୍ଗ କରାଇବେ ଏବଂ ସମାଜରେ ଶୃଙ୍ଖଳା ବଜାୟ ରଖିବେ, ମାତ୍ର ଏହା କେବଳ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ମାର୍ଗରେ କରିବେ ଏବଂ ଅନ୍ୟକୌଣସି ମାର୍ଗରେ ନୁହେଁ । ସେମାନେ ଯାହା ଚାହୁଁଚନ୍ତି ବା ଭାବୁଛନ୍ତି ସେପରି କରିପାରିବେ ନାହିଁ । କ୍ଷମତାର କୌଣସି ପ୍ରକାର ଅପବ୍ୟବହାର କିମ୍ବା କର୍ତ୍ତବ୍ୟରେ ଅବହେଳା ହେଲେ ତାହା ଶୃଙ୍ଖଳା ଭଙ୍ଗ, ଦେଓ୍ୱାନୀ ଦୋଷ ବା ଅପରାଧ ଭାବେ ବିବେଚିତ ହେବ ଏବଂ ଏଥିପାଇଁ ପୁଲିସ୍ ଅଧିକାରୀ ଦଣ୍ଡିତ ହୋଇପାରିବେ ।

**(୪) ପ୍ର : ଭାରତରେ କ'ଣ କେବଳ ଗୋଟିଏ ପୁଲିସ୍ ବାହିନୀ ରହିଛି ?**

ଉ:- ନାଁ । ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ସରକାରଙ୍କ ଅଧିନରେ ଏହାର ନିଜର ପୁଲିସ୍ ବାହିନୀ ରହିଛି ତେଣୁ ଦେଶରେ ଅନେକ ପୁଲିସ୍ ବାହିନୀ ରହିଛି । ଭାରତର ବିଭିନ୍ନ ଭାଗରେ ଯଥା ରାଜଧାନୀ ଦିଲ୍ଲୀ, ଚଣ୍ଡୀଗଡ଼, ପଣ୍ଡିଚେରୀ, ଡାମନ ଓ ଡିଉ, ଲାକ୍ଷାଦୀପ, ଦାଦରା ଏବଂ ନଗରହାବେଳୀ ଓ ଆଣ୍ଡାମାନ ନିକୋବର ଦ୍ୱୀପ କାର୍ଯ୍ୟରତ ପୁଲିସ୍ ସିଧାସଳଖ କେନ୍ଦ୍ର ସରକାରଙ୍କ ଅଧିନରେ ଆସିଥାନ୍ତି ।

**(୫) ପ୍ର : ଅର୍ଦ୍ଧ ସାମରୀକ ବାହିନୀ କ'ଣ ?**

ଉ - ଅର୍ଦ୍ଧ ସାମରୀକ ବାହିନୀ ଯଥା, ସେଣ୍ଟ୍ରାଲ ରିଜର୍ଭ ପୁଲିସ୍ ଫୋର୍ସ (ସି.ଆର.ପି.ଏଫ୍), ବର୍ଡର ସିକ୍ୟୁରିଟ ଫୋର୍ସ (ବି.ଏସ୍.ଏଫ), ଆସାମ ରାଇଫଲସ, ଇଣ୍ଡୋ ତିବତ୍ତ ବର୍ଡର ପଲିସ୍ (ଆଇ.ଟି.ବି.ପି) ଏବଂ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନ୍.ଏସ୍.ଜି) ପ୍ରଭୃତି କେନ୍ଦ୍ରସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର କର୍ତ୍ତବ୍ୟ ନିମନ୍ତେ ଉଦ୍ଦିଷ୍ଟ ସଶସ୍ତ୍ର ଆରକ୍ଷୀ ସଂଗଠନ । ଏମାନେ ସେନାବାହିନୀ ଢାଞ୍ଚାରେ ଗଠିତ ହୋଇଥିବାରୁ ସେମାନଙ୍କୁ ଅର୍ଦ୍ଧ ସାମରୀକ ବାହିନୀ ଆଖ୍ୟା ଦିଆଯାଇଥାଏ । ସେମାନେ ପୁଲିସ୍‌କୁ ବିଦ୍ରୋହ ଦମନ, ସନ୍ତ୍ରାସବାଦୀ ବିରୋଧୀ କାର୍ଯ୍ୟକଳାପ ଏବଂ ଜନ ଅଶାନ୍ତି ସମୟରେ ସହାୟତା କରିଥାନ୍ତି ।



**(୬) ପ୍ର : ଯେ କୌଣସି ବ୍ୟକ୍ତି ଜଣେ ପୁଲିସ୍ ଅଧିକାରୀ ହୋଇପାରିବେ କି ?**

ଉ- ହଁ, ଯେ କୌଣସି ବ୍ୟକ୍ତି ପୁଲିସ୍ ଅଧିକାରୀ ହୋଇପାରିବେ । ମାତ୍ର ସେହି ପାହ୍ୟା ନିମେନ୍ତ ଉଦ୍ଦିଷ୍ଟ ସର୍ତ୍ତଗୁଡିକ ଏବଂ ମାନଦଣ୍ଡମାନ ଆପଣ ପୂରଣ କରୁଥିବା ଆବଶ୍ୟକ । ଉଦାହରଣ ସ୍ୱରୂପ କନେଷ୍ଟବଳ ଭାବେ ଯୋଗଦେବା ପାଇଁ ଆପଣ ଅତିକମ୍‌ରେ ଉଚ୍ଚବିଦ୍ୟାଳୟ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ସବ୍‌ଇନସ୍‌ପେକ୍ଟର ଭାବେ ଯୋଗଦେବା ନିମେନ୍ତ ଆପଣ ସ୍ନାତକ ହୋଇଥିବା ଆବଶ୍ୟକ ।

**(୭) ପ୍ର : ମୁଁ କିପରି ଜଣେ ପୁଲିସ୍ ଅଧିକାରୀ ହୋଇପାରିବି ?**

ଉ:- ତିନି ସ୍ତର ରହିଛି ଯେଉଁଠାରେ ଆପଣ ବାହିନୀରେ ଯୋଗ ଦେଇପାରିବେ । ରାଜ୍ୟସ୍ତରରେ ଆପଣ ହୁଏତ ଜଣେ କନେଷ୍ଟବଳ ଭାବେ ଯୋଗଦେଇ ଉପଆରକ୍ଷୀ ଅଧିକ୍ଷୀକ ପର୍ଯ୍ୟନ୍ତ ଯାଇପାରନ୍ତି ଅଥବା ଆପଣ ଉପନିରୀକ୍ଷକ ସ୍ତରରେ ଯୋଗଦେଇ ପଦୋନ୍ନତି ପାଇ ଜିଲ୍ଲା ଦାୟିତ୍ୱରେ ଥିବା ଆରକ୍ଷୀ ଅଧିକ୍ଷକ ପର୍ଯ୍ୟନ୍ତ ସମସ୍ତ ରାସ୍ତା ଯାଇପାରନ୍ତି ।

କନେଷ୍ଟବଳ ଏବଂ ସବ୍‌ଇନସପେକ୍ଟର ମାନେ ଏକ ଲିଖିତ ପ୍ରବେଶିକା ପରୀକ୍ଷା ଦେବେ । ଯଦି ଆପଣ ଉତ୍ତୀର୍ଣ୍ଣ ହୁଅନ୍ତି ତେବେ ଆପଣଙ୍କୁ ଏକ ଶାରୀରିକ ପରୀକ୍ଷା ଦେବାକୁ ପଡିବ । ଯଦି ଆପଣ ଶାରୀରିକ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୁଅନ୍ତି ତେବେ ଆପଣଙ୍କୁ ସାକ୍ଷାତକାର ପାଇଁ ଡକାଯିବ । ସାକ୍ଷାତକାର ପରେ ଆପଣ ସୁସ୍ଥ ଅଛନ୍ତି ବୋଲି ପ୍ରମାଣ ନିମେନ୍ତ ଏକ ଡାକ୍ତରୀ ଯାଞ୍ଚ କରାଯିବାର ଆଶା କରାଯାଉଛି । ଏ ସମସ୍ତ ସମାପ୍ତି ପରେ ଚୁଡାନ୍ତ ଚୟନ (ସିଲେକ୍ସନ) ହୋଇଥାଏ ।

ଅନ୍ୟପକ୍ଷରେ ଆଇ.ପି.ଏସ୍ ଅଧିକାରୀମାନେ କେନ୍ଦ୍ରୀୟ ସ୍ତରରେ ନିଯୁକ୍ତି ପାଇଥାନ୍ତି ଏବଂ ହୁଏତ ଅତିରିକ୍ତ/ ସହକାରୀ ଆରକ୍ଷୀ ଅଧିକ୍ଷକ ଅଥବା ପୁଲିସର ଆରକ୍ଷୀ ଅଧିକ୍ଷୀକ ଭାବେ ପାହ୍ୟା ଆରମ୍ଭ ହୋଇଥାଏ ।

(୮) ପ୍ରଃ ଆଇ.ପି.ଏସ୍ କ'ଣ ?

ଉଃ - ଭାରତୀୟ ପୁଲିସ୍ ସେବା (ଇଣ୍ଡିଆନ ପୁଲିସ ସର୍ଭିସ୍) ସଂକ୍ଷିପ୍ତରେ ଆଇ.ପି.ଏସ୍ ଅଟେ ଏବଂ ଭାରତ ସରକାରଙ୍କ ତିନୋଟି ସର୍ବଭାରତୀୟ ସେବା ମଧ୍ୟରୁ ଏକ ସେବା (ଅନ୍ୟ ଦୁଇଟି ସେବା ହେଲା ଭାରତୀୟ ପ୍ରଶାସନିକ ସେବା ଓ ଭାରତୀୟ ଜଙ୍ଗଲ ସେବା) । ଏହା ଏକ ସାଧାରଣ ଦଳ ଯେଉଁଠାରୁ ପୁଲିସ୍ ଅଧିକାରୀମାନଙ୍କୁ ବଛାଯାଇ ସାରା ଭାରତ ବର୍ଷରେ ବରିଷ୍ଠ ପଦବୀରେ ସେବା କରିବାପାଇଁ ପଠାଯାଇଥାଏ ।

(୯)ପ୍ରଃ ମୁଁ କିପରି ଆଇ.ପି.ଏସ୍‌ରେ ଯୋଗଦେଇପାରିବି ?



ଉଃ- ପ୍ରଥମେ ଆପଣଙ୍କୁ ସଂଘୀୟ ଲୋକସେବା ଆୟୋଗ (ୟୁ.ପି.ଏସ୍.ସି) ବା କରାଯାଉଥିବା ପ୍ରାରମ୍ଭିକ ପରୀକ୍ଷାରେ ବସିବାକୁ ପଡିବ । ତାରିଖ ଓ ସ୍ଥାନ ସ୍ଥାନୀୟ ଓ ଜାତୀୟ ସମ୍ବାଦ ପତ୍ରରେ ସମୟକୁ ସମୟ ପ୍ରକାଶିତ ହୋଇଥାଏ । ଯଦି ଆପଣ ଏହା ଉତ୍ତୀର୍ଣ୍ଣ ହୁଅନ୍ତି ତେବେ ଆପଣ ଲିଖିତ ପରୀକ୍ଷାରେ ବସିପାରିବେ ।

ଯଦି ଆପଣ ଲିଖିତ ପରୀକ୍ଷା ଉତ୍ତିର୍ଣ୍ଣ ହେବେ ତେବେ ଏକ ସାକ୍ଷାତକାର ମଣ୍ଡଳୀଦ୍ୱାରା ଆପଣଙ୍କର ସାକ୍ଷତକାର ହେବ, ଯେତେବେଳେ ଆପଣ ବଛାଯିବେ କେଉଁ କେନ୍ଦ୍ରୀୟ ସେବାରେ ଯୋଗ ଦେବାପାଇଁ ଆପଣ ଇଚ୍ଛୁକ ତାହା ଆପଣଙ୍କୁ ପଚରାଯିବ - ଯେପରି ବୈଦେଶିକ, ପ୍ରଶାସନିକ, ପୁଲିସ୍, ଜଙ୍ଗଲ କିମ୍ବା ରାଜସ୍ୱ । ଯେହେତୁ ବିଭିନ୍ନ ସିଭିଲ୍ ସର୍ଭିସ୍ ନିୟୋଜନ ଗୁଣ ଉପରେ ଆଧାରିତ ତେଣୁ ଆପଣ କେତେ ଅଧିକ ଅଙ୍କ ପାଇଛନ୍ତି ସେହି ଅନୁଯାୟୀ ଆପଣଙ୍କ ଇଚ୍ଛା ମୁତାବକ ସେବାରେ ଯୋଗଦେଇ ପାରିବେ ।

(୧୦) ପ୍ରଃ ଆଇ.ପି.ଏସ୍ ଅଧିକାରୀ ଭାବେ ମୁଁ କେଉଁ ପ୍ରଶିକ୍ଷଣ ପାଇବି ?

ଉ- ଆଇ.ପି.ଏସ୍‌ରେ ଆପଣ ମସୋରୀଠାରେ ଅବସ୍ଥିତ ଲାଲବାହାଦୁରଶାସ୍ତ୍ରୀ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍ ଠାରେ ମୂଳଦୁଆ ବିଷୟରେ ପ୍ରଶିକ୍ଷଣ ପାଇବେ । ଏହାପରେ ହାଇଦ୍ରାବାଦଠାରେ ଜାତୀୟ ପୁଲିସ୍ ଏକାଡେମୀରେ ଏକ ମୌଳିକ ପ୍ରଶିକ୍ଷଣ ହେବ । ପରେ ସମୟକୁ ସମୟ ସେବାରେ ଥିବାବେଳେ ପ୍ରଶିକ୍ଷଣ ଦିଆଯିବ ।

(୧୧) ପ୍ରଃ ଅନ୍ୟ ପାହ୍ୟା କେଉଁ ପ୍ରକାରର ପ୍ରଶିକ୍ଷଣ ପାଇଥାନ୍ତି ?

ଉଃ - ସେମାନେ ବାହାର (ଆଉଟଡୋର) ଶାରୀରିକ ପ୍ରଶିକ୍ଷଣ ପାଇଥାନ୍ତି ଏବଂ ଅସ୍ତ୍ର ବ୍ୟବହାର, ପ୍ରାଥମିକ ଚିକିତ୍ସା, ଦଙ୍ଗା ନିୟନ୍ତ୍ରଣ ଓ ଅସ୍ତ୍ର ବିହୀନ ସଂଘର୍ଷ ସମ୍ପର୍କରେ ପ୍ରଶିକ୍ଷଣ ପ୍ରାପ୍ତି କରନ୍ତି । ସେମାନେ ମଧ ଫୌଜଦାରୀ ଆଇନ୍ ଓ କ୍ରିୟାବିଦ୍ଧି, ଅନୁସନ୍ଧାନ ପଦ୍ଧତି, ଭିଡ଼ ନିୟନ୍ତ୍ରଣ ଏବଂ କର୍ତ୍ତବ୍ୟ ସମୟରେ ଯେଉଁ ସବୁ ପରିସ୍ଥିତି ଦେଇଯିବେ କିପରି ତାହା ହାତକୁ ନେବେ ସେ ସମ୍ପର୍କରେ ଶ୍ରେଣୀଗୃହ ତାଲିମ୍ ପାଇଥାନ୍ତି ।

(୧୨) ପ୍ର : ଦେଶରେ କେତୋଟି ପୁଲିସ୍ ଥାନା ଅଛି ?

ଉ :- ଜାନୁୟାରୀ, ୨୦୧୩ ପର୍ଯ୍ୟନ୍ତ ଦେଶରେ ୧୪,୩୬୦ ପୁଲିସ୍ ଥାନା ରହିଥିଲା ଯାହା ମଧ୍ୟରୁ ୫୦୨ଟି ମହିଳା ଥାନା ଅଟେ ।

(୧୩)ପ୍ର : ଆମର ଯଥେଷ୍ଟ ପୁଲିସ୍ ଅଧିକାରୀ ଅଛନ୍ତି କି ?

ଉ :- ନାଁ । ଜାତିସଂଘର ମାନକ ବା ମାନଦଣ୍ଡ ଅନୁଯାୟୀ ପ୍ରତ୍ୟେକ ୧,୦୦,୦୦୦ ଲୋକରେ ୨୩୦ ପୁଲିସ୍ ରହିବା ଉଚିତ୍ ମାତ୍ର ଭାରତରେ ପ୍ରତ୍ୟେକ ୧,୦୦,୦୦୦ ଲୋକରେ କେବଳ ୧୩୬ ପୁଲିସ୍ ଅଧିକାରୀ ରହିଛନ୍ତି । ଏହା ବିଶ୍ୱର ଗୋଟିଏ ସର୍ବନିମ୍ନ ପୁଲିସ୍ - ଜନତା ଅନୁପାତ ହାର । ଅନେକ ଖାଲିସ୍ଥାନ ରହିଛି ଯାହା ପୂରଣ ହୋଇନାହିଁ । ଯଦିଓ ୨୨,୦୦,୦୦୦ ପୁଲିସ୍ କର୍ମଚାରୀ ଅନୁମୋଦିତ ବଳ, ମାତ୍ର କେବଳ ୧୬,୦୦,୦୦୦ ସେବାରେ ଅଛନ୍ତି । ଏହାର ଅର୍ଥ ୨୮% କମ୍ ରହିଛି ।

କିନ୍ତୁ ଏହା ମଧ୍ୟ ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରୁନାହିଁ, କାରଣ ଛୋଟ ଅପେକ୍ଷା ବଡ଼ ସହରରେ ଅଧିକ ପୁଲିସ୍ ରହିଛି । ଏହା ସହିତ ଅନେକ ପୁଲିସ୍ ଅଧିକାରୀମାନେ ସ୍ୱଳ୍ପ ସଂଖ୍ୟକ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କୁ ପହରା ଦେବାରେ ନିୟୋଜିତ ହୋଇଛନ୍ତି । ଏହାଛଡା ପ୍ରଶାସନିକ ଓ ଯାତାୟତ (ଟ୍ରାଫିକ୍) ସମ୍ବନ୍ଧୀୟ କର୍ତ୍ତବ୍ୟରେ ଅନେକ ପୁଲିସ୍ କର୍ମଚାରୀଙ୍କ ସମୟ କବଳିତ ହୋଇଥାଏ । ଫଳସ୍ୱରୂପ, ଅପରାଧ ନିବାରଣ ସନ୍ଧାନ, ଏବଂ ସାମଗ୍ରିକ ଆଇନ୍‌ର ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୁଲିସ୍ ସଂଖ୍ୟାରେ ଯଥେଷ୍ଟ ଊଣା ରହିଛି ।

(୧୪) ପ୍ର : ପୁଲିସ୍ ବାହିନୀରେ ମହିଳା ଅଛନ୍ତି କି ?

ଉ :- ହଁ, ମାତ୍ର ସେମାନେ ସମଗ୍ର ପୁଲିସ୍ ବାହିନୀର ମାତ୍ର ୫% ଅଟନ୍ତି । ସବୁରାଜ୍ୟ ମଧ୍ୟରେ ମହାରାଷ୍ଟ୍ରରେ ସର୍ବାଧିକ ସଂଖ୍ୟକ ମହିଳା ପୁଲିସ୍ ବାହିନୀରେ ଅଛନ୍ତି ।



**(୧୫) ପ୍ର: ମହିଳା ପୁଲିସ୍ ଅଧିକାରୀଙ୍କର ଅଲଗା କର୍ତ୍ତବ୍ୟ ରହିଛି କି ?**

ଉ:- ନା । ନିୟମାବଳୀ ଓ ଆଇନ୍ ଅନୁଯାୟୀ ପୁରୁଷ ପୁଲିସ୍ ପରି ମହିଳା ପୁଲିସ୍ ସମାନ କର୍ତ୍ତବ୍ୟ ସମ୍ପାଦନ କରିବେ । କେବଳ ମହିଳାମାନେ ସମସ୍ତ ମହିଳା ଥାନାରେ ନିଯୁକ୍ତ ହେବେ ।

**(୧୬) ପ୍ର: ପୁଲିସ୍ ବାହିନୀରେ କୌଣସି ସ୍ୱତନ୍ତ୍ର ସଂରକ୍ଷଣ ବା ଯଥାଂଶ (କୋଟା) ରହିଛି କି ?**

ଉ:- ହଁ । ତଫସିଲଭୁକ୍ତ ଜାତି (ଯାହା ୨୦୧୩ ଜାନୁୟାରୀ ସୁଦ୍ଧା ସମ୍ପୂର୍ଣ୍ଣ ପୁଲିସ୍ ବାହିନୀର ୧୦.୬୬% ହୋଇଛି), ତଫସିଲ ଭୁକ୍ତ ଜନଜାତି (୮.୫୩%) ଏବଂ ଅନ୍ୟ ପଛୁଆ ଶ୍ରେଣୀ (୧୬.୯୪%) ଙ୍କ ନିଯୁକ୍ତି ନିମନ୍ତେ ସ୍ୱତନ୍ତ୍ର ଯଥାଂଶ (କୋଟା) ପ୍ରତ୍ୟେକ ରାଜ୍ୟରେ ରହିଛି । ଏହି ଗୋଷ୍ଠୀରୁ କେତେ ପରିମାଣରେ ନିଯୁକ୍ତି ପାଇବେ ସେ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ନିଜର ନିୟମାବଳୀ ରହିଛି । ମାତ୍ର ସଂଖ୍ୟାଲଘୁ ଓ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ନାହିଁ । ମୁସଲମାନ ୪% ଆଇ.ପି.ଏସ୍ ଅଧିକାରୀ ଓ ୬% କନେଷ୍ଟବଳ ଭାବେ ରହିଛନ୍ତି ।[୧]



ଡି.ଜି.ପି.

**(୧୭) ପ୍ର: ଦଳିତ, ମହିଳା, ମୁସଲମାନ, ଖ୍ରୀଷ୍ଟିଆନ, ଆଦିବାସୀ ଏବଂ ଅନ୍ୟମାନେ କାହିଁକି ପୋଲିସ୍ ବାହିନୀରେ ରହିବା ଆବଶ୍ୟକ ?**

ଉ- : ପୁଲିସ୍ ବାହିନୀରେ ପୁରୁଷ ଓ ମହିଳା ଏବଂ ପ୍ରତ୍ୟେକ ଧର୍ମ, ଶ୍ରେଣୀ, ଜାତି ଓ ଜନଜାତିର ଲୋକ ମିଶିକରି ରହିବା ଜରୁରୀ ।ଏହା ବିଭିନ୍ନ ଗୋଷ୍ଠୀର ବ୍ୟବହାର ମନବୃତ୍ତି, ସେମାନଙ୍କର ସଂସ୍କୃତି ସମ୍ପର୍କରେ ଜ୍ଞାନବୃଦ୍ଧି କରାଏ ଏବଂ ପୂର୍ବଧାରଣା ଦୂର କରିବାରେ ସହାୟକ ହୁଏ ।



ଆଇ.ଜି.ପି.

**(୧୮)ପ୍ର: କୌଣସି ବ୍ୟକ୍ତି ଜଣେ ପୁଲିସ୍ ଅଧିକାରୀ ଏବଂ ଅନ୍ୟ କୌଣସି ଅଧିକାରୀ ବୋଲି ମୁଁ କିପରି କହିବି ?**

ଉ:- ପୁଲିସ୍ ଅଧିକାରୀଙ୍କର ସ୍ୱତନ୍ତ୍ର ଖାକି କିମ୍ବା ନୀଳପୋଷାକ ସହିତ ଟୋପି, ବେଲ୍ଟ, କାନ୍ଧରେ ଚିହ୍ନ ରହିଥାଏ ଯାହା ତାଙ୍କର ପାହ୍ୟା ଏବଂ କେଉଁ ବାହିନୀର ତାହା ଦର୍ଶାଇଥାଏ । ପୁଲିସ୍ ଅଧିକାରୀ ମଧ ନାମଫଳକ ନିଜର ଛାତିରେ ପ୍ରଦର୍ଶନ କରିବା ଉଚିତ୍ ।



ଡେପୁଟି ଆଇ.ଜି.ପି.

**(୧୯) ପ୍ର: ପୁଲିସର ବିଭିନ୍ନ ପାହ୍ୟା କ'ଣ ?**

ଉ:- କନେଷ୍ଟବଳ ଶିଡିର ସର୍ବନିମ୍ନ ସ୍ତରରେ ଥାଆନ୍ତି । ଏହିଠାରୁ ପାହ୍ୟା ଉପରକୁ ଗତି କରି ମୁଖ୍ୟ କନେଷ୍ଟବଳ (ଏଚ୍.ସି), ଉପସହାୟକ ଇନ୍ସପେକ୍ଟର (ଏ.ଏସ୍.ଆଇ), ସହକାରୀ ଇନ୍ସପେକ୍ଟର (ଏସ୍.ଆଇ), ଇନ୍ସପେକ୍ଟର (ଆଇ.ପି), ସହାୟକ/ଉପଆରକ୍ଷୀ ଅଧିକ୍ଷକ (ଏସ୍.ପି), ବରିଷ୍ଠ ଆରକ୍ଷୀ ଅଧିକ୍ଷକ (ଏସ୍.ଏସ୍.ପି), ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ୍ ପୁଲିସ୍ (ଡି.ଆଇ.ଜି), ଇନ୍ସପେକ୍ଟର ଜେନେରାଲ ଅଫ ପୁଲିସ୍ (ଆଇ.ଜି), ସହାୟକ ପୁଲିସ୍ ମହାନିର୍ଦ୍ଦେଶକ (ଏ.ଡି.ଜି) ଏବଂ ଶେଷରେ ପୁଲିସ୍ ମହାନିର୍ଦ୍ଦେଶକ ପର୍ଯ୍ୟନ୍ତ ଯାଇଥାଏ ।



ଋଷ·ଋଷ·ନ୍ତ·

**(୨୦) ପ୍ର: ବିଟ୍ କନେଷ୍ଟବଳ କ'ଣ ?**

ଉ:- ନା, ଏହା ଏପରି କନେଷ୍ଟବଳ ନୁହେଁ ଯିଏ ଆପଣଙ୍କୁ ପ୍ରହାର କରନ୍ତି । ଆପଣ ଯେପରି ଜାଣନ୍ତି, କେବଳ ଯେଉଁମାନେ ଗିରଫଦାରୀଙ୍କୁ ବିରୋଧ କରୁଥିବେ କିମ୍ବା ଖସି ଯିବାପାଇଁ ପ୍ରଚେଷ୍ଟା କରୁଥିବେ ତାଙ୍କୁ ଛାଡି କୌଣସି ପୋଲିସ୍ କର୍ମଚାରୀ କାହା ଉପରେ ବଳ ପ୍ରୟୋଗ

---

[୧] ସାଗ୍ରର କମିଟି ରିପୋର୍ଟ, ନଭେମ୍ବର,୨୦୦୬ ।

କରିବା ପାଇଁ ଅନୁମତି ପ୍ରାପ୍ତ ନୁହଁନ୍ତି । ବିଟ୍ ପୁଲିସ୍ ଅଧିକାରୀ ଏପରି କୁହାଯାଆନ୍ତି କାରଣ ସେମାନେ ନିୟମିତ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର କିମ୍ବା ମାର୍ଗରେ ପହରା ଦେଇଥାନ୍ତି - ବେଳେବେଳେ ଅନ୍ୟ ପୁଲିସ୍ କର୍ମଚାରୀଙ୍କ ସହିତ- ଅନୁସନ୍ଧାନ କରିବା ପାଇଁ ଯେପରି ସବୁକିଛି ସଠିକ୍ ରହିଛି ଏବଂ କୌଣସି ସନ୍ଦେହ ଜନକ ଘଟଣା ଘଟୁନାହିଁ । ରାତ୍ରିକାଳୀନ ପହରା ସମୟରେ ପୁଲିସ୍ ଡାକନ୍ତି କିମ୍ବା ତାଙ୍କ ଲାଠିକୁ ପ୍ରହାର କରନ୍ତି ଏହା ଜଣାଇବା ପାଇଁ ଯେ ସେ କର୍ମରେ ଅଛନ୍ତି ।

**(୨୧) ପ୍ର : ସମସ୍ତ ପୁଲିସ୍ ଅଧିକାରୀ ସମସ୍ତ କର୍ତ୍ତବ୍ୟ ସମ୍ପାଦନ କରନ୍ତି କି ?**

ଉ:- ନା । କନେଷ୍ଟବଳଙ୍କଠାରୁ ପୁଲିସ୍ ମହାନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ନ୍ୟସ୍ତ କରାଯାଇଥାଏ । ଏହି କର୍ତ୍ତବ୍ୟଗୁଡିକ ପ୍ରତ୍ୟେକ ରାଜ୍ୟର ପୁଲିସ୍ ମାନୁଆଲରେ ତାଲିକା ଭୁକ୍ତ ହୋଇଥାଏ । ଜଣେ କନିଷ୍ଠ ଅଧିକାରୀ ତାଙ୍କ ବରିଷ୍ଠ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଥିବା କର୍ତ୍ତବ୍ୟଗୁଡିକ ସମ୍ପାଦନ କରିପାରିବେ ନାହିଁ । ଉଦାହରଣ ସ୍ୱରୂପ ଏସ୍.ପିଙ୍କୁ ନ୍ୟସ୍ତ କରାଯାଇଥିବା କର୍ତ୍ତବ୍ୟ ଜଣେ ଏସ୍.ଆଇ କରିପାରିବେ ନାହିଁ । ମାତ୍ର ଯାହାକିଛି ଜଣେ ନିମ୍ନସ୍ତରର କର୍ମଚାରୀ କରିପାରିବେ ତାହା ଜଣେ ବରିଷ୍ଠ ପାହ୍ୟା ଅଧିକାରୀ ମଧ୍ୟ କରିପାରିବେ ।

**(୨୨) ପ୍ର : ଜଣେ ଟ୍ରାଫିକ୍ ପୋଲିସ୍ ଅଧିକାରୀ ଯାତାୟତ ଅପରାଧ ବ୍ୟତୀତ ଅନ୍ୟ ଅପରାଧ ପାଇଁ ମତେ ଗିରଫ କରିପାରିବେ କି ?**

ଉ:- ହଁ । ଜଣେ ଟ୍ରାଫିକ୍ ପୋଲିସ୍ ଜଣେ ସାଧାରଣ ପୋଲିସ୍ ଅଧିକାରୀ ଯାହାଙ୍କୁ ଯାତାୟତ (ଟ୍ରାଫିକ୍) ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଆପଣ ଅପରାଧ କରୁଥିବା ସେ ଦେଖିଲେ ଅନ୍ୟ ପୁଲିସ୍ କର୍ମଚାରୀ ପରି ଏବଂ ବେସରକାରୀ ନାଗରିକଙ୍କ ପରି ଆପଣଙ୍କୁ ସେ ଗିରଫ କରିପାରିବେ ।



(୨୩) ପ୍ର:- ସି.ଆଇ.ଡି କ'ଣ ?

ଉ:- ସି.ଆଇ.ଡି.ର ଅର୍ଥ ହେଲା ଅପରାଧ ଅନୁସନ୍ଧାନ ବିଭାଗ । ଏହାକୁ ବେଳେବେଳେ ସ୍ୱତନ୍ତ୍ର ବିଭାଗ ବା ଅନୁସନ୍ଧାନ ବିଭାଗ କୁହାଯାଏ । ସେମାନେ ରାଜ୍ୟ ପୁଲିସ୍‌ର ଅନୁସନ୍ଧାନକାରୀ ସଂସ୍ଥା । ସେମାନଙ୍କୁ ପ୍ରବଞ୍ଚନା, ଠକେଇ, ଦଳୀୟ (ଗ୍ୟାଙ୍ଗ) ଯୁଦ୍ଧ, ଅନ୍ତଃରାଜ୍ୟ ପ୍ରଭାବ ଥିବା ଅପରାଧ ଅନୁସନ୍ଧାନ କରିବାପାଇଁ ଡକା ଯାଇଥାଏ ।

(୨୪) ପ୍ର: ସି.ଆଇ.ଡି କ'ଣ ପୁଲିସଠାରୁ ଭିନ୍ନ ?


ଉ:- ନା । ସି.ଆଇ.ଡି କର୍ମଚାରୀ ପୁଲିସ୍ ଅଧିକାରୀଙ୍କ ମଧ୍ୟରୁ ବଛାଯାଇଥାନ୍ତି ।

(୨୫) ପ୍ର:- ପୁଲିସ୍ ବାହିନୀର ଦାୟିତ୍ୱରେ କିଏ ଅଛନ୍ତି ?

ଉ:- ସମସ୍ତ ପୁଲିସଙ୍କର ଜଣେ ମୁଖ୍ୟ ପ୍ରତ୍ୟେକ ରାଜ୍ୟରେ ଅଛନ୍ତି । ତାଙ୍କୁ ପୋଲିସ୍ ମହାନିର୍ଦ୍ଦେଶକ ବା ଡି.ଜି.ପି କୁହାଯାଏ । ସେ ସର୍ବୋଚ୍ଚ ବ୍ୟକ୍ତି । କିନ୍ତୁ ଡି.ଜି.ପି ମଧ୍ୟ ସରକାରଙ୍କୁ ରିପୋର୍ଟ ଦେଇଥାନ୍ତି । ରାଜ୍ୟ ବା କେନ୍ଦ୍ରର ସ୍ୱରାଷ୍ଟ୍ର ବିଭାଗର ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ତାଙ୍କ ଅଧିକାରୀ ଅଟନ୍ତି ।

(୨୬) ପ୍ର:- କାହିଁକି ଡି.ଜି.ପି କୌଣସି ମନ୍ତ୍ରୀଙ୍କୁ ରିପୋର୍ଟ କରିବେ ?

ଉ:- ଆମେ ସମସ୍ତେ ନିରାପଦ ଓ ସୁରକ୍ଷିତ ଅନୁଭବ କରୁ ଏବଂ ନିଜର ଜୀବନ, ପରିବାରର କଲ୍ୟାଣ ତଥା ସମ୍ପତ୍ତି ପାଇଁ ଯେପରି ବିବ୍ରତ ହେବାକୁ ନ ପଡେ ତାହା ସ୍ଥିର ନିଶ୍ଚିତ କରାଇବା ପ୍ରତ୍ୟେକ ସରକାରଙ୍କର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟକୁ ସରକାର ପୁଲିସକୁ ଦେଇଥାନ୍ତି । ତେଣୁ ପୁଲିସ୍ କିପରି ଏହି କାର୍ଯ୍ୟ ସମ୍ପାଦନ କରୁଛି ତାହା ସରକାରଙ୍କୁ ରିପୋର୍ଟ କରିବା ଆବଶ୍ୟକ । ପ୍ରତି ବଦଳରେ ଜନ ସାଧାରଣଙ୍କ ପାଖରେ ସରକାରଙ୍କର କର୍ତ୍ତବ୍ୟ ରହିଛି ଯେ ପୁଲିସ୍ ସଚ୍ଚୋଟ, ଉଚିତ୍, କାର୍ଯ୍ୟଦକ୍ଷ ଏବଂ ସେମାନେ କ'ଣ କରିବାପାଇଁ ଭାବୁଛନ୍ତି ସେ ଅନୁଯାୟୀ ନୁହେଁ ବରଂ ଆଇନ୍ ଅନୁଯାୟୀ ସେମାନେ ଦାୟିତ୍ୱ ନିର୍ବାହ କରୁଛନ୍ତି ବୋଲି ସ୍ଥିର ନିଶ୍ଚିତ କରିବେ ।



(୨୭) ପ୍ର:- ପୁଲିସ୍ ସେବା ପାଇଁ କିଏ ଅର୍ଥ ଦିଅନ୍ତି ?

ଉ:- ସେବା ଦେବାପାଇଁ କରଦାତାଙ୍କ ଦ୍ୱାରା ପୁଲିସ୍ ପାଉଣା ପାଇଥାନ୍ତି । ଦରମା ରାଜ୍ୟସରକାରଙ୍କ ବଜେଟ୍ ଏବଂ କେନ୍ଦ୍ର ସରକାରଙ୍କ ବଜେଟ୍‌ରୁ ଆସିଥାଏ । ମାତ୍ର ଶେଷରେ ଏ ସମସ୍ତ କରଦାତାଙ୍କ ପକେଟ୍‌ରୁ ଆସିଥାଏ ।

(୨୮)ପ୍ର:- ପୁଲିସ୍ କେଉଁଠାରୁ ଏହାର ଅର୍ଥ ପାଇଥାଏ ?

ଉ:- ପ୍ରତ୍ୟେକ ରାଜ୍ୟରେ ଏକ ଆୟବ୍ୟୟ ପତ୍ର (ବଜେଟ୍) ରହିଛି ଯାହା ପୁଲିସ୍ ସେବାପାଇଁ ବଣ୍ଟନ ହୋଇଥାଏ । ପୁଲିସ୍ ଏହି ବଜେଟ୍‌ରୁ ଅର୍ଥ ପାଇଥାଏ ।

(୨୯) ପ୍ର: କିଏ ଆୟବ୍ୟୟ ପତ୍ର (ବଜେଟ୍) ମଞ୍ଜୁର କରିଥାନ୍ତି ଏବଂ କେଉଁଥିରେ ଅଧିକାଂଶ ଅଂଶ ଖର୍ଚ୍ଚ କରାଯାଇଥାଏ ?

ଉ:- ଆୟବ୍ୟୟ ପତ୍ର ସମ୍ପର୍କରେ ନିଷ୍ପତ୍ତି ରାଜ୍ୟ ବିଧାନସଭାରେ ନିଆଯାଏ । ସଂସଦ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆୟବ୍ୟୟ ପତ୍ର (ବଜେଟ୍) ଅନୁମୋଦନ କରିଥାନ୍ତି । ପ୍ରଶାସନିକ ଉପବିଭାଗର ଡିଜିଙ୍କ ଦ୍ୱାରା ପ୍ରଥମ ଚିଠା ପ୍ରସ୍ତୁତ ହୋଇଥାଏ । ଏହି ଚିଠା ଡି.ଜି.ପିଙ୍କ ଅନୁମୋଦନ ପାଇଁ ତାପରେ ପଠାଯାଇଥାଏ । ସେଠାରୁ ଏହା ସ୍ୱରାଷ୍ଟ୍ର ବିଭାଗକୁ ଯାଇଥାଏ ।

ଏହାପରେ ଅର୍ଥମନ୍ତ୍ରଣାଳୟ ଏହା ଅନୁମୋଦନ କରିଥାନ୍ତି  ଏବଂ ରାଜ୍ୟ ଆୟବ୍ୟୟ ପତ୍ରର ଅଂଶ ରୂପେ ଅନୁମୋଦନ ପାଇଁ ମନ୍ତ୍ରୀମଣ୍ଡଳକୁ ପଠାଇଥାନ୍ତି ଏବଂ ପରେ ବିଧାନସଭାରେ ଆଲୋଚନା ପାଇଁ ଯାଇଥାଏ । ବିଧାନସଭାରେ ଆଲୋଚନା ପରେ ସେ ବର୍ଷ ପାଇଁ ଆୟବ୍ୟୟ ପତ୍ର ଶେଷରେ ଅନୁମୋଦିତ ହୋଇଥାଏ । ପୁଲିସ୍ ସେବାପାଇଁ ରାଜ୍ୟ ଆୟବ୍ୟୟ ପତ୍ରରେ ଦିଆଯାଉଥିବା ଅର୍ଥର ଏକ ବଡ଼ଭାଗ ଦରମା ଭାବେ ଖର୍ଚ୍ଚ ହୋଇଥାଏ । ଖର୍ଚ୍ଚର ଅନ୍ୟ ବିଷୟ ଗୁଡ଼ିକ ହେଲା ପ୍ରଶିକ୍ଷଣ, ଅନୁସନ୍ଧାନ, ଭିତ୍ତିଭୂମି, ଗୃହନିର୍ମାଣ ଇତ୍ୟାଦି ।

**(୩୦) ପ୍ର :- ପୁଲିସ୍ ପାଇଥିବା ଅର୍ଥ ସଠିକ୍ ଖର୍ଚ୍ଚ ହେଉଛି ବୋଲି ଆମେ କିପରି ଜାଣିଥାଉ ?**

ଉ :- ପୁଲିସ୍ ଦ୍ୱାରା ଖର୍ଚ୍ଚ ହେଉଥିବା ଅର୍ଥର ଏକ ସମୀକ୍ଷିତ ହିସାବ କମ୍ପ୍ରୋଟଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ଦ୍ୱରା ହୋଇଥାଏ । ଏହି ସମୀକ୍ଷା ସଂସଦ ଏବଂ ରାଜ୍ୟବିଧାନସଭାରେ ଦିଆଯାଇଥାଏ । ପରୀକ୍ଷା ହେବାପରେ, ଏହି ରିପୋର୍ଟ ଗୁଡ଼ିକ ବେଳେ ବେଳେ ଗୃହ ବିଭାଗ / ପୁଲିସ୍ ବିଭାଗର ୱେବ୍‌ସାଇଟ୍ କିମ୍ବା ସଂସଦୀୟ ଗ୍ରନ୍ଥାଗାରରେ ଉପଲବ୍ଧ ହୋଇଥାଏ । ପୁଲିସ୍‌ର ବାର୍ଷିକ ଖର୍ଚ୍ଚ ବାବଦରେ ଆପଣ ସୁଚନା ଅଧିକାର ଆଇନ ମାଧ୍ୟମରେ ମଧ୍ୟ ତଥ୍ୟ ପାଇପାରିବେ । ଯେହେତୁ ପୁଲିସ୍ କରଦାତା




ମାନଙ୍କ ଅର୍ଥ ଯାହା ଆପଣମାନଙ୍କର ହିଁ ଅର୍ଥ ଖର୍ଚ୍ଚ କରେ, ଏହାର ଖର୍ଚ୍ଚ ଓ ପ୍ରକ୍ରିୟା ଉପରେ ଆପଣ ଜାଣିବା ପାଇଁ ଆଗ୍ରହ ଦେଖାଇବା ଉଚିତ । ବେଳେବେଳେ ଗୃହ ପୁଲିସ ବିଭାଗ ୱେବସାଇଟ୍‌ରେ କିମ୍ବା ସଂସଦର ଗ୍ରନ୍ଥାଗାରରେ ଲଭ୍ୟ ହୋଇଥାଏ । ଆପଣ ମଧ୍ୟ ସୂଚନା

(୩୧) ପ୍ର :- କେଉଁ ଆଇନ୍ ପୁଲିସ୍‌କୁ ନିୟନ୍ତ୍ରଣ କରିଥାଏ ?

ଉ :- ଅଧିକାଂଶ ରାଜ୍ୟରେ ପୁଲିସ୍ ଅଧିନିୟମ ୧୮୬୧ ପୁଲିସକୁ ନିୟନ୍ତ୍ରଣ କରିଥାଏ । ଅଳ୍ପ ରାଜ୍ୟରେ ସେମାନଙ୍କର ନିଜର ପୁଲିସ୍ ଅଧିନିୟମ କରିଛନ୍ତି, ମାତ୍ର ଏସମସ୍ତ ପୁଲିସ୍ ଅଧିନିୟମ ଅତ୍ୟାବଶ୍ୟକ ଭାବେ ୧୮୬୧ ଅଧିନିୟମ ଆଦର୍ଶରେ ପ୍ରସ୍ତୁତ ।ନିକଟରେ କେତେକ ରାଜ୍ୟ ସେମାନଙ୍କର ଅଧିନିୟମକୁ ପୁନଃରୀକ୍ଷଣ କରିଛନ୍ତି ଏବଂ ନୂଆ ପୁଲିସ୍ ଆଇନ୍ ପ୍ରସ୍ତୁତ କରିଛନ୍ତି । ଫୌଜଦାରୀ କ୍ରିୟାବିଧି ସଂହିତା (ସି.ଆର.ପି.ସି) ଏବଂ ଭାରତୀୟ ଦଣ୍ଡବିଧି ସଂହିତା ତତ୍ ସହିତ ସ୍ଥାନୀୟ ଆଇନ୍ ପରି ଅନ୍ୟ ଫୌଜଦାରୀ ଆଇନ୍ ଗୁଡିକ ମଧ ପୁଲିସ୍ କାର୍ଯ୍ୟ ଏବଂ କାର୍ଯ୍ୟାବଳୀକୁ ନିୟନ୍ତ୍ରଣ କରିଥାଏ ।

(୩୨) ପ୍ର :- ପୁଲିସ୍ ଅଧିନିୟମ କ'ଣ କହେ ?

ଉ :- ପୁଲିସ୍ କ'ଣ କରିପାରିବ ଏବଂ କରିପାରିବ ନାହିଁ; କିପରି ପୁଲିସ ବାହିନୀ ସଂଗଠିତ ହେବ; କେଉଁ ପାହ୍ୟା ରହିବ; କିଏ ବାହିନୀକୁ ପର୍ଯ୍ୟବେକ୍ଷଣ କରିବେ; କିଏ ନିଯୁକ୍ତି ଦେବେ; ଭୁଲ କାର୍ଯ୍ୟପାଇଁ କେଉଁ ଦଣ୍ଡ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୁଲିସ ସାମ୍ନା କରିବେ ତାହା ପୁଲିସ ଅଧିନିୟମ କହିଥାଏ । ଏହା ମଧ ଜନସାଧାରଣ ପାଳନ କରିବା ପାଇଁ ନୀୟମାବଳୀ ନିର୍ଦ୍ଧାରଣ କରିଥାଏ ।

(୩୩) ପ୍ର : ଜନସାଧାରଣଙ୍କ ଦ୍ୱାରା ଅପରାଧ କାହିଁକି ପୁଲିସ ଅଧିନିୟମ ମଧରେ ରହିଛି ?

ଉ: - ସମସ୍ତେ ଯେପରି ରାସ୍ତା ଓ ସର୍ବସାଧାରଣ ସ୍ଥାନ ସଫା, ସଜାଡ଼ି, ନିରାପଦ ଶୋଭନୀୟ, ରୋଗଠାରୁ ଦୂରରେ ରଖିବା ସ୍ଥିର ନିଶ୍ଚିତ କରିବେ ସେଥିପାଇଁ କେତେକ ଅପରାଧ ଗୁଡ଼ିକ ରଖାଯାଇଛି ।

ଦୃଷ୍ଟାନ୍ତ ସ୍ୱରୂପ ପଶୁଙ୍କୁ ରାସ୍ତାରେ ବିଚରଣ କରାଇବା, ସେମାନଙ୍କୁ ବଧ କରିବା, କିମ୍ବା ତାଙ୍କ ପ୍ରତି ନିର୍ଦ୍ଦୟ ହେଲେ ପୁଲିସ ତତ୍‌କ୍ଷଣାତ୍ ଜଣକୁ ଗିରଫ କରିପାରିବ । ଯେଉଁ ଲୋକମାନେ ରାସ୍ତା ଅବରୋଧ କରୁଛନ୍ତି, କିମ୍ବା ଏହାକୁ ମଇଳା କରିଛନ୍ତି, ଲାଇସେନସ୍ ନଥାଇ ରାସ୍ତାରେ ବିକ୍ରିପାଇଁ ଦ୍ରବ୍ୟ ରଖିଛନ୍ତି, ଅଶୋଭନୀୟ, ମଦୁଆ କିମ୍ବା ଦଙ୍ଗାକାରୀ କିମ୍ବା ବିପଦପୂର୍ଣ୍ଣ ସ୍ଥାନ ଯେପରି ବାଡ଼ ନଥିବା ଖୋଲା କୂପକୁ ନିରାପଦ ରଖିବା ସ୍ଥିର ନିଶ୍ଚିତ କରିବାକୁ ଅବହେଳା କରୁଛନ୍ତି ସେମାନଙ୍କୁ ମଧ ତୁରନ୍ତ ଗିରଫ କରାଯାଇ ପାରିବ ।

ଆଇନ୍‌କୁ ସମର୍ଥନ କରିବା



(୩୪) ପ୍ର : "ଆଇନର ଶାସନ" ର ଅର୍ଥ କ'ଣ ?

ଉ : - ଏହାର ଅର୍ଥ ଆମେ ସମସ୍ତେ, ଉଚ୍ଚ କିମ୍ବା ନୀଚ, ଧନୀ କିମ୍ବା ଦରିଦ୍ର, ପୁରୁଷ କିମ୍ବା ମହିଳା ଏବଂ ଏପରିକି ସରକାରୀ ବା ପୁଲିସ୍ ପରି ଲୋକସେବକ ଆଇନ୍ ମାନିବେ ଏବଂ ନିର୍ଣ୍ଣିତ ରୂପେ ଆମ ଦେଶର ସମ୍ବିଧାନରେ ଲିଖିତ ଆଇନ୍ ଅନୁଯାୟୀ ବଞ୍ଚିବେ । କେହି ମଧ୍ୟ ଆଇନ୍ ଉପରେ ନୁହଁନ୍ତି । ଏହାର ମଧ୍ୟ ଅର୍ଥ ଯେ ଆଇନ୍ ଅନୁଯାୟୀ ପୁଲିସ୍ ତାର ସମସ୍ତ କାର୍ଯ୍ୟାନୁଷ୍ଠାନ କରିବ, ଯଦି ନୁହେଁ ପୁଲିସ୍ ଆଇନ୍ ସମ୍ମୁଖରେ ଉତ୍ତରଦାୟୀ ରହିବ । ଏହାର ମଧ୍ୟ ଅର୍ଥ ଯେ ଯେଉଁ ଆଇନ୍ ସବୁ ହୋଇଛି ତାହା ଯଥୋଚିତ, ନ୍ୟାର୍ଯ୍ୟ ଏବଂ ଉଚିତ୍ ଭାବେ ଆମ ସମସ୍ତଙ୍କ କ୍ଷେତ୍ରରେ ଲାଗୁ ହେବ ।

(୩୫) ପ୍ର : - କୌଣସି ପୁଲିସ୍ ଅଧିକାରୀ ଭୁଲ କଲେ ଦଣ୍ଡ ପାଇବେ କି ? ଉ : - ହଁ । ଆଇନ୍ ଭଙ୍ଗ କଲେ ସାଧାରଣ ବ୍ୟକ୍ତି ପରି ପୁଲିସ ଅଧିକାରୀ ମଧ୍ୟ ଦଣ୍ଡ ପାଇବେ । ପ୍ରକୃତ ପକ୍ଷେ, ଯେହେତୁ ସେ ଜଣେ ବ୍ୟକ୍ତି ଯାହାଙ୍କ ଉପରେ ଆଇନ୍ ଧରି ରଖିବାର ଦାୟିତ୍ୱ ନ୍ୟସ୍ତ ହୋଇଛି ତେଣୁ ସେ ଆଇନ୍ ଭଙ୍ଗ କଲେ ଅଧିକ ମାତ୍ରାର ଦଣ୍ଡ ପାଇବେ । ଅନେକ ଉପାୟରେ ଜଣେ ଭୁଲ କରିଥିବା ପୁଲିସ୍ ଅଧିକାରୀଙ୍କୁ ଦଣ୍ଡ ଦିଆ ଯାଇପାରିବ । ଯଦି ସେ ଏକ ଅପରାଧ କରିଛନ୍ତି ତେବେ ତାଙ୍କୁ ଅଦାଲତ ସମ୍ମୁଖରେ ହାଜର କରାଯାଇ ସାଧାରଣ ବ୍ୟକ୍ତିପରି ତାଙ୍କ ବିଗ୍ଭର ହେବ । ଯଦି ସେ ରୁକ୍ଷ ହୋଇଛନ୍ତି, ଖରାପ ଭାବେ ବ୍ୟବହାର କରିଛନ୍ତି କିମ୍ବା ନିଜ ଦାୟିତ୍ୱ ଯେପରି ଭାବେ କରିବା କଥା ତାହା କରିନାହାନ୍ତି ତେବେ ତାଙ୍କ ବରିଷ୍ଠ ଅଧିକାରୀମାନେ ତାଙ୍କୁ ଦଣ୍ଡଭାବେ ସତର୍କ କରାଇ ପାରିବେ, ଦରମା କାଟି ପାରିବେ, ତାଙ୍କ ପାହ୍ୟା କମ୍ କରିପାରିବେ, କାମରୁ ନିଲମ୍ବିତ କରିପାରିବେ କିମ୍ବା ବଦଳି କରିପାରିବେ ।



(୩୬)ପ୍ର :- ପୁଲିସ୍ ବିପଦପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି । ସେମାନେ କ'ଣ ବୀମାଭୁକ୍ତ ହୋଇଥାନ୍ତି କି ?

ଉ: - ହଁ, ପୁଲିସ୍ ଅଧିକାରୀ ବୀମା ଭୁକ୍ତ ହୋଇଥାନ୍ତି । ସମସ୍ତ ପୁଲିସ୍ କର୍ମଚାରୀଙ୍କୁ ସେମାନଙ୍କର ଦଳୀୟ (ଗ୍ରୁପ୍) ବୀମାରେ ଅର୍ନ୍ତଭୁକ୍ତ ହେବାପାଇଁ ଦେୟ ଦେବାକୁ ପଡ଼ିଥାଏ । ଏହା ସେମାନଙ୍କର ଦରମାରୁ ନିଆଯାଇଥାଏ । ଯେଉଁ ପୁଲିସ ଅଧିକାରୀ କର୍ମକ୍ଷେତ୍ରରେ ମୃତ୍ୟୁବରଣ କରିଥାନ୍ତି ତାଙ୍କ ପରିବାରକୁ ଅନୁଗ୍ରହ ରାଶି (ଏକ୍ସ ଗ୍ରାସିଆ), ଥୋକ ଧନ (ଲମ୍ପ ସମ୍) ପ୍ରଦାନ କରାଯାଇଥାଏ । ପୁଲିସ ଅଧିକାରୀମାନେ ବିପଦପୂର୍ଣ୍ଣ ପରିବେଶରେ କାମ କରିଥାନ୍ତି । ଅନେକ ମୃତ୍ୟୁ ବରଣ କରନ୍ତି କିମ୍ବା ଆହତ ହୋଇଥାନ୍ତି । ବସ୍ତୁତଃ, ଏହି ବର୍ଷ ୮୦୦ରୁ ଅଧିକ ପୁଲିସ୍ ଅଧିକାରୀ କର୍ମ କ୍ଷେତ୍ରରେ ମୃତ୍ୟୁବରଣ କରିଛନ୍ତି । ଗତ ଦଶନ୍ଧିରେ ଅତି ଖରାପ ବାର୍ଷିକ ହାରାହାରି ୧୦୦୦ ଥିଲା । ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ଅଧିକାଂଶ କନେଷ୍ଟବଳ ଅଟନ୍ତି ।

(୩୭) ପ୍ର : - ମୋ ନିଜର ସୁରକ୍ଷା ପାଇଁ ଜଣେ ପୁଲିସ୍ ଅଧିକାରୀଙ୍କୁ ମୁଁ ଭଡ଼ାରେ ନେଇ ପାରିବି କି ?

ଉ : - ପ୍ରକୃତରେ, ଆପଣ କରିପାରନ୍ତି ଯଦି ଆପଣଙ୍କ ପ୍ରତି କୌଣସି ଗମ୍ଭୀର ଧମକ୍ ରହିଛି । ବେଳେବେଳେ ରାଷ୍ଟ୍ର ସୁରକ୍ଷା ବ୍ୟବସ୍ଥା କରିଥାଏ ଏବଂ ଅନ୍ୟବେଳେ ସୁରକ୍ଷା ନିମନ୍ତେ ଆପଣଙ୍କୁ ଦେୟ ପ୍ରଦାନ କରିବାକୁ ପଡିଥାଏ । ୧୮୬୧ ପୁଲିସ୍ ଅଧିନିୟମ ଅନୁଯାୟୀ, ଆପଣ ଯଦି କୌଣସି ଅଞ୍ଚଳରେ ଅଧିକ ପୁଲିସ ମୁତୟନ ଆବଶ୍ୟକ କରନ୍ତି, କର୍ତ୍ତୃପକ୍ଷ ରାଜି ହେଲେ ସଂକ୍ଷିପ୍ତ ସମୟପାଇଁ ଦେୟ ଦେଇ ଆପଣ ଅତିରିକ୍ତ ପୁଲିସ୍ ବ୍ୟବସ୍ଥା କରିପାରିବେ । ଉଦାହରଣ ସ୍ୱରୂପ କୌଣସି ବୃହତ ବିବାହପାଇଁ କିମ୍ବା ବ୍ୟକ୍ତିଗତ ଉପଲକ୍ଷ ପାଇଁ ଆପଣଙ୍କ ମୂଲ୍ୟରେ କିଛି ଅଧିକ ହାତ ଯୋଗାଇଦେବା ପାଇଁ ହୁଏତ ପୁଲିସ୍ ରାଜି ହୋଇପାରେ । କିନ୍ତୁ ଯଦି କୌଣସି ଅଞ୍ଚଳରେ ଅପରାଧ ପ୍ରବଣ କିମ୍ବା କୌଣସି ସାମୂହିକ କାର୍ଯ୍ୟକ୍ରମ ହେଉଥାଏ, ଅଧିକ ଲୋକ ଯୋଗାଇ ଦେବା ପୁଲିସ୍‌ର କର୍ତ୍ତବ୍ୟ ହେବ ଏବଂ ଏଥିପାଇଁ ଦେୟ ପ୍ରଦାନର ପ୍ରଶ୍ନ ଉଠୁନାହିଁ ।

ପୁଲିସ୍‌ର କାମ କେବେ ସରେ ନାହିଁ



(୩୮) ପ୍ର : ଜଣେ ପୁଲିସ ଅଧିକାରୀ ସର୍ବଦା କର୍ତ୍ତବ୍ୟରେ ଥାଆନ୍ତି କି ?

ଉ: - ହଁ । ୧୮୬୧ ପୁଲିସ ଅଧିନିୟମ ଏହା ସ୍ୱଚ୍ଛ କରିଛି ଯେ ଜଣେ ପୁଲିସ ଅଧିକାରୀ "ସର୍ବଦା କର୍ତ୍ତବ୍ୟରେ ଥିବା ବିଗ୍ରର କରାଯାଏ" । କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଆଦୌ ବିଶ୍ରାମ ନେବାପାଇଁ ଅନୁମତି ପ୍ରାପ୍ତ ନୁହଁନ୍ତି । ଏହାର ଅର୍ଥ ଏହିକି ଯେ, ସେ ଯେଉଁଠାରେ ଥାଆନ୍ତୁ ପୋଷାକ ସହିତ ବା ବିନା ପୋଷାକରେ, ଆଇନ୍‌କୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିବେ । ସେ ଅପରାଧ ଘଟୁଥିବା ଦେଖି ଅବା ସାହାଯ୍ୟ ପାଇଁ ଆହ୍ୱାନ ପାଇଁ "ମୁଁ କର୍ତ୍ତବ୍ୟରେ ନାହିଁ" ବୋଲି କହିପାରିବେ ନାହିଁ ।

(୩୯) ପ୍ର : - ବରିଷ୍ଠ କିମ୍ବା ନିର୍ଦ୍ଦେଶ ଦେବା ପାଇଁ କ୍ଷମତା ପ୍ରାପ୍ତ ଜିଲ୍ଲାପାଳ ବା ମନ୍ତ୍ରୀଙ୍କ ପରି କୌଣସି ବ୍ୟକ୍ତିଙ୍କ, କୌଣସି ବା ସମସ୍ତ ନିର୍ଦ୍ଦେଶ ମାନିବା ପାଇଁ ପୁଲିସ୍ ଅଧିକାରୀ ବାଧ କି ?

ଉ:- ନା । ଜଣେ ପୁଲିସ୍ ଅଧିକାରୀ ନିର୍ଦ୍ଦେଶ ମାନିବାକୁ ବାଧ୍ୟ ଯେତେବେଳେ ତାହା ଆଇନ ସଂଗତ/ କରିବାପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ କୌଣସି ଭୁଲ ଜିନିଷ କଲେ ସେଥିପାଇଁ ସେ ଦାୟୀ ରହିବେ । କ୍ଷମତାରେ ଥିବା କେହିଜଣେ ଯାହା ଭୁଲ ଏବଂ ବେଆଇନ ସେପରି କିଛି କରିବାପାଇଁ କହିଥିଲେ ବୋଲି କହି ସେ ନିଜର ବ୍ୟବହାରକୁ କ୍ଷମା ଦେଇପାରିବେ ନାହିଁ । ଏହା ତାଙ୍କୁ ସୁରକ୍ଷା ଦେବ ନାହିଁ ।

(୪୦) ପ୍ର : - ମାଗଣାରେ ସାଧାରଣ ପରିବହନ ଆରୋହଣ କିମ୍ବା ଅର୍ଥ ପ୍ରଦାନ ନକରି ବଜାର ଲୋକଙ୍କଠାରୁ ଜିନିଷ ନେବା ପାଇଁ ପୁଲିସ୍ ସ୍ୱୟଂକ୍ରିୟ ଅନୁମତି ପ୍ରାପ୍ତ କି ?

ଉ:- କେତେକ ସ୍ଥାନରେ କର୍ତ୍ତବ୍ୟରେ ଥିବା ସମୟରେ ସାଧାରଣ ପରିବହନରେ ଆରୋହଣ କରିବା ପାଇଁ ପୁଲିସ୍ ଅଧିକାରୀଙ୍କୁ ପାସ୍ ଦିଆଯାଇଥାଏ । କିନ୍ତୁ ଅନ୍ୟଥା



ମାଗଣାରେ ଆରୋହଣ ପାଇଁ କୌଣସି ପୁଲିସ୍ ଅଧିକାରୀ ଅନୁମତି ପ୍ରାପ୍ତ ନୁହଁନ୍ତି । ସେହିପରି କୌଣସି ବଜାରରୁ କେବଳ ଜଣେ ପୁଲିସ୍ ଅଧିକାରୀ ବୋଲି ଜିନିଷ ନେବା ପାଇଁ ଅନୁମତି ପ୍ରାପ୍ତ ନୁହଁନ୍ତି । ପ୍ରତ୍ୟେକ ନାଗରିକଙ୍କ ପରି ତାଙ୍କୁ ମଧ ତାଙ୍କ କିଣା ଦ୍ରବ୍ୟ ପାଇଁ ଦେୟ ଦେବାକୁ ପଡ଼ିବ ।

(୪୧)ପ୍ର: -ପୁଲିସ୍ ଅଧିକାରୀଙ୍କ ସମସ୍ତ ନିର୍ଦ୍ଦେଶ ମତେ ଶୁଣିବାକୁ ପଡିବ କି ?

ଉ: - ହଁ, ଯଦି ଏହା ଆଇନ ସଙ୍ଗତ ନିର୍ଦ୍ଦେଶ ତାହା ତାଙ୍କ କର୍ତ୍ତବ୍ୟ ସମ୍ବନ୍ଧୀୟ । ବସ୍ତୁତଃ ଜଣେ ପୁଲିସ୍ ଅଧିକାରୀଙ୍କୁ ତାଙ୍କ କର୍ତ୍ତବ୍ୟ ସମ୍ପାଦନରେ ସହାୟତା କରିବା ସମସ୍ତଙ୍କ କର୍ତ୍ତବ୍ୟ, ବିଶେଷ କରି ଯଦି ପୁଲିସ୍ ଅଧିକାରୀ ପିଟାମରା ବନ୍ଦ ବା ଅପରାଧ ନିବାରଣ ପାଇଁ ଚେଷ୍ଟା କରୁଥିବେ, ଅଥବା ତାଙ୍କ ହେପାଜତରୁ କେହି ଜଣେ ଖସିଯିବାକୁ ନିବାରଣ କରିବା ପାଇଁ ଚେଷ୍ଟା କରୁଥିବେ । ବସ୍ତୁତଃ, ଯଦି କୌଣସି ଅପରାଧ ସଂପର୍କରେ ଆପଣଙ୍କ ପାଖରେ ସୂଚନା ଥାଏ ସେ ସୂଚନା ପୁଲିସକୁ ଦେବା ଦାୟିତ୍ୱ ଆପଣଙ୍କର । କୌଣସି ପଳାତକ ଅପରାଧୀକୁ ବାସସ୍ଥାନ ବା ଆଶ୍ରୟ ନ ଦେବା ମଧ ଏକ କର୍ତ୍ତବ୍ୟ । ଯଦି ଆପଣ କୌଣସି ମାମଲା ଜାଣନ୍ତି କିମ୍ବା ଦେଖିଛନ୍ତି ସେଥିରେ ଅଦାଲତରେ ସାକ୍ଷ ଦେବା ମଧ ଆପଣଙ୍କର କର୍ତ୍ତବ୍ୟ ।

(୪୨) ପ୍ର: - ମୋତେ ଜଣେ ପୁଲିସ୍ ଅଧିକାରୀଙ୍କ ସହ ଯିବାକୁ ପଡ଼ିବ କି, ଯଦି ସେ ମୋତେ ତାଙ୍କ ସହିତ କେଉଁଠାକୁ ଯିବାକୁ କୁହନ୍ତି ?

ଉ:- ନାଁ । ମାତ୍ର, ଯଦି ପୁଲିସ୍ ଅଧିକାରୀ ତାଙ୍କ କର୍ତ୍ତବ୍ୟର ଅଂଶଭାବେ କିଛି କରୁଥାନ୍ତି ଯେପରି କୌଣସି ବ୍ୟକ୍ତିଙ୍କୁ ଗିରଫ କରିବା, ସମ୍ପତ୍ତି ଅଭିଗ୍ରହଣ କରୁଥାନ୍ତି, କିମ୍ବା ଅପରାଧ



ଦୃଶ୍ୟକୁ ପରୀକ୍ଷା କରୁଥାନ୍ତି ସେଥିପାଇଁ ସାକ୍ଷ୍ୟ ଭାବେ ଯିବା ପାଇଁ କହନ୍ତି ତେବେ ଆପଣ ନିର୍ଣ୍ଣିତ ଯାଇ ସାହାଯ୍ୟ କରିବା ଉଚିତ୍ । ପାରମ୍ପାରିକ ଭାବେ, ଏହାକୁ ପଞ୍ଚ ହେବା କୁହାଯାଏ- ଜଣେ ବ୍ୟକ୍ତି ଯେ ସ୍ୱାଧୀନଭାବେ ଅଦାଲତକୁ ସେହି ମୁହୂର୍ତ୍ତରେ କ'ଣ ଦେଖିଥିଲେ କହିପାରିବେ ।

**(୪୩) ପ୍ରଃ ମନେକରନ୍ତୁ ଜଣେ ପୁଲିସ୍ ଅଧିକାରୀ ପୁଲିସ୍ ଥାନାକୁ ଆସିବା ପାଇଁ ମୋତେ କୁହନ୍ତି, ମୋତେ ଯିବାକୁ ପଡିବ କି ?**

ଉଃ- ନାଁ । ପୁଲିସ୍ ସହ ସହଯୋଗ କରିବା ଭଲ, ମାତ୍ର ପୁଲିସ ଥାନାକୁ ଯିବା ଆବଶ୍ୟକ ନୁହେଁ ଯଦି ପୁଲିସ୍ ଅଧିକାରୀ ଆପଣଙ୍କୁ ଯଥାରୀତି ଗିରଫ କରିନାହାନ୍ତି । ଅନ୍ୟଥା ଯଦି ସେ କେବଳ ଆପଣଙ୍କୁ ପ୍ରଶ୍ନ କରିବା ପାଇଁ ଚାହୁଁଛନ୍ତି କିମ୍ବା କୌଣସି ଅପରାଧ ସମ୍ବନ୍ଧରେ ଅନୁସନ୍ଧାନ କରୁଛନ୍ତି ସେ ଆପଣଙ୍କୁ ଲିଖିତ ସମନ କରିବେ । ଯେ ପର୍ଯ୍ୟନ୍ତ ଏହା ହୋଇନାହିଁ ଥାନାକୁ ଯିବାପାଇଁ ଆପଣଙ୍କୁ ବାଧ୍ୟ କରାଯାଇ ପାରିବ ନାହିଁ । ଯେଉଁଠାରେ ଜଣେ ମହିଳା କିମ୍ବା ୧୫ ବର୍ଷ ତଳକୁ ଜଣେ ଶିଶୁ ସାମିଲ ଥିବେ, ପୁଲିସ୍ ସେମାନଙ୍କୁ କେବଳ ତାଙ୍କର ବାସଗୃହରେ ପ୍ରଶ୍ନ କରିପାରିବେ ।

**(୪୪) ପ୍ରଃ ପୁଲିସ୍ ଅଧିକାରୀ ପଚାରୁଥିବା ସମସ୍ତ ପ୍ରଶ୍ନର ଉତ୍ତର ମୋତେ ଦେବାକୁ ପଡ଼ିବ କି ?**

ଉଃ - ହଁ । ପ୍ରଶ୍ନର ଉତ୍ତର ସିଧାସଳଖ ସାଧୁଭାବେ ଦେବା ସବୁବେଳେ ଭଲ ଏବଂ ଆପଣ ଜାଣିଥିବା ଯାହାକିଛି ସତ୍ୟତା ପୁଲିସକୁ ଜଣାଇଦେବା ଉଚିତ୍ । ଆପଣ ଯଦି କିଛି ଜାଣିନାହାନ୍ତି ତା ହେଲେ ସେ ଆପଣଙ୍କୁ ବିବରଣ ଦେବାପାଇଁ ବାଧ୍ୟ କରିପାରିବେ ନାହିଁ, କିମ୍ବା ଶବ୍ଦ ଆପଣଙ୍କ ମୁହଁରେ କୁହାଇପାରିବେ ନାହିଁ । ଯେତେବେଳେ ଆପଣଙ୍କୁ ପ୍ରଶ୍ନ କରାଯାଇଛି ଏହା ସବୁବେଳେ ଭଲ ଯେ ଆଉ ଜଣେ କେହି ଆପଣଙ୍କ ସାଙ୍ଗରେ ଅଛନ୍ତି ।



(୪୫) ପ୍ର: ଯେତେବେଳେ ମୁଁ ଦୂରବସ୍ଥାରେ ଥିବି ସେତେବେଳେ ମୋତେ ସାହାଯ୍ୟ କରିବା ପାଇଁ ପୁଲିସ୍ ଅଧିକାରୀଙ୍କ କର୍ତ୍ତବ୍ୟ ରହିଛି କି ?

ଉ:- ହଁ । ୧୯୮୫ ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପୁଲିସ୍‌ର ଆଚରଣ ବିଧି ପ୍ରଦର୍ଶିକା ଜାରି ହୋଇଛି ଏବଂ ସମସ୍ତ ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଓ କେନ୍ଦ୍ରୀୟ ପୁଲିସ୍ ସଂଗଠନର ମୁଖ୍ୟମାନଙ୍କୁ ଜଣାଇ ଦିଆଯାଇଛି । ଏହା ପୁଲିସ୍‌କୁ ଆବଶ୍ୟକ କରୁଛି ଯେ ସମ୍ପତ୍ତି ବା ସାମାଜିକ ସ୍ଥିତିକୁ ଛାଡ଼ିକରି ସମସ୍ତଙ୍କୁ ଯେକୌଣସି ସହାୟତା ଯୋଗାଇଦେବ ।



ଏହି ବିଧି ଅନୁଯାୟୀ ସେମାନଙ୍କର ସାଧାରଣ କର୍ତ୍ତବ୍ୟ ହେଉଛି ଭୟ କିମ୍ବା ଅନୁଗ୍ରହକୁ ଛାଡ଼ି ସମସ୍ତଙ୍କୁ ନିରାପତ୍ତା ଯୋଗାଇ ଦେବା ଯାହା ମଧ୍ୟରେ ଲୋକଙ୍କ କଲ୍ୟାଣ ମନରେ ରଖାଯିବ, ତାଙ୍କ ପ୍ରତି ସହାନୁଭୂତିଶୀଳ ଓ ବିଚାରଶୀଳ ହେବା ଏବଂ ବ୍ୟକ୍ତିଗତ ସେବା ଓ ବନ୍ଧୁତା ଦେବାପାଇଁ ପ୍ରସ୍ତୁତ ହୋଇରହିବେ ।

(୪୬) ପ୍ର: ମୋର ପାରିବାରିକ ସମସ୍ୟାଗୁଡ଼ିକରେ ସାହାଯ୍ୟ କରିବାପାଇଁ ମୁଁ ପୁଲିସ୍‌କୁ କହିପାରିବି କି ?

ଉ: - ଏହା ସମସ୍ୟା ଉପରେ ନିର୍ଭର କରେ । ଯଦି ଯାହା ଘଟୁଛି ତାହା ଏକ ଅପରାଧ ଯଥା ପାରିବାରିକ ହିଂସା, ଖରାପଭାବରେ ପ୍ରହାର କରିବା, କିମ୍ବା ଶିଶୁ ଅପବ୍ୟବହାର, ଏକା ରକ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଯୌନ ସମ୍ପର୍କ, କିମ୍ବା ଅନଧିକାର ପ୍ରବେଶ ତେବେ ନିଶ୍ଚିତଭାବେ ପୁଲିସ୍ ଆପଣଙ୍କୁ ସାହାଯ୍ୟ କରିବ ଏବଂ ଏହା ବ୍ୟକ୍ତିଗତ ବ୍ୟାପାର କହି ଆପଣଙ୍କୁ ଫେରାଇ ଦେଇ ପାରିବ ନାହିଁ । ମାତ୍ର ଯଦି ବୟସ୍କ ଶିଶୁମାନେ ଅବଜ୍ଞାକାରୀ, ଧରାଯାଉ ବିବାହ ପାଇଁ ପଳାଇ ଯାଉଛନ୍ତି ତାହା ହେଲେ ଏହା ପୁଲିସର ବ୍ୟାପାର ନୁହେଁ ଯେ ତାଙ୍କୁ ପିଛା କରିବ କିମ୍ବା ଫେରାଇ ଆଣିବା ପାଇଁ ବାଧ୍ୟ କରିବ । ଏହା ଖାଣ୍ଟି ରୂପେ ପାରିବାରିକ ମାମଲା ।

(୪୭) ପ୍ର: ଯଦି ଜଣେ ପୁଲିସ୍ ଅଧିକାରୀ ସାହାଯ୍ୟ କରୁନାହିଁ, କିମ୍ବା ଚତୁଃପାର୍ଶ୍ୱରେ କୌଣସି ପୁଲିସ ଅଧିକାରୀ ନାହାନ୍ତି, ଜନସାଧାରଣ ଜଣେ ଚୋର କିମ୍ବା ଦୋଷୀଙ୍କୁ ଧରି ସେହି ସ୍ଥାନରେ, ସେହି ସମୟରେ ଦଣ୍ଡ ଦେଇପାରିବେ କି ?

ଉ:- ହଁ ଏବଂ ନାହିଁ । ଯାହା କୁହାଯାଏ "ନାଗରିକ ଗିରଫଦାରୀ" ଆପଣ କରିପାରିବେ ଏବଂ ଦୋଷୀଙ୍କୁ ଧରି ନିକଟସ୍ଥ ପୋଲିସ ଥାନାକୁ ନେଇପାରିବେ ବାସ୍ ସେତିକି । ମାତ୍ର ଆପଣ ଦୋଷୀଙ୍କୁ ପ୍ରହାର କରିପାରିବେ ନାହିଁ କିମ୍ବା ଯେଉଁ ଜନତା ତାହା କରୁଛନ୍ତି ସେଥିରେ ଯୋଗ ଦେଇପାରିବେ ନାହିଁ । ଜନସାଧାରଣଙ୍କର କେବଳ ନିଜକୁ ସୁରକ୍ଷିତ କରିବାର ଅଧିକାର ରହିଛି, ଯାହା ନିଜସ୍ୱ ସୁରକ୍ଷା ବା ବ୍ୟକ୍ତିଗତ ସୁରକ୍ଷା କୁହାଯାଏ । କିନ୍ତୁ ତାହା ମଧ୍ୟ ଯୁକ୍ତିସଂଗତ ଭାବେ ବ୍ୟବହୃତ ହେବା ଉଚିତ ଏବଂ ଏକପାଖିଆ ପ୍ରହାର ବା ଭୟାବହ ଅବମାନନା ରୂପ ନ ନେବା ଉଚିତ୍ । ଜଣେ ପୁଲିସ୍ ଅଧିକାରୀ ଯେ ଏପରି ଅପବ୍ୟବହାରକୁ ଅନୁମତି ଦିଅନ୍ତି କିମ୍ବା ଆକ୍ରମଣରେ ଭାଗ ନିଅନ୍ତି ସେ ସମ୍ଭବତଃ ଶୃଙ୍ଖଳାଗତ କିମ୍ବା ଅପରାଧିକ ଦୋଷାରୋପର ସମ୍ମୁଖୀନ ହୋଇପାରନ୍ତି ।

(୪୮) ପ୍ର: ମୁଁ କ'ଣ କରିପାରିବି ଯଦି ପୁଲିସ୍ ଅଧିକାରୀ ମୋତେ ସାହାଯ୍ୟ ନ କରନ୍ତି ?

ଉ: ଜଣେ ପୋଲିସ ଅଧିକାରୀଙ୍କର ଇଚ୍ଛାକୃତ ଭଙ୍ଗ କିମ୍ବା କର୍ତ୍ତବ୍ୟରେ ଅବହେଳା କାରାଦଣ୍ଡ ସହ ଦଣ୍ଡନୀୟ ଅପରାଧ । ଯଦି ପୁଲିସ୍ ଅଧିକାରୀ ସାହାଯ୍ୟକାରୀ ନୁହେଁ, ଏବଂ ଆପଣ କ୍ଷତିଗ୍ରସ୍ତ ହୋଇଛନ୍ତି, ତେବେ ଏ ସଂପର୍କରେ ଆପଣ ତାଙ୍କର ବରିଷ୍ଠ ଅଧିକାରୀଙ୍କୁ ଫରିଆଦ କରିପାରିବେ । ଏପରି ଏକ ମାମଲାରେ ସେ କର୍ତ୍ତବ୍ୟରେ ଅବହେଳା ବୋଲି ଦୋଷୀ ସାବ୍ୟସ୍ତ ହୋଇପାରନ୍ତି ।

(୪୯) ପ୍ର: ପୁଲିସ୍ ଯାହା ଚାହିଁବ ତାହା କରିପାରିବ କି ?

ଉ: - ନାଁ । ଯାହା ବିଧିସମ୍ମତ କେବଳ ତାହା ସେମାନେ କରିପାରିବେ । ବସ୍ତୁତଃ, ସେମାନେ ଅନେକ ନିୟମାବଳୀ ଦ୍ୱାରା କଡ଼ାକଡ଼ି ପରିଚାଳିତ । ଏହା ମଧ୍ୟରେ ରହିଛି ତାଙ୍କର ନିଜସ୍ୱ ବିନିୟମ, ଫୌଜଦାରୀ ସଂହିତା ଦ୍ୱାରା ଗୃହୀତ ପ୍ରକ୍ରିୟା, ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଆଦେଶ ଏବଂ ମାନବିକ ଅଧିକାର ଆୟୋଗର ପ୍ରଦର୍ଶିକା ।

(୫୦) ପ୍ର: କିନ୍ତୁ ଧରିନିଆଯାଉ ପୁଲିସ୍ ଅଧିକାରୀ ତାକୁ ମାନିଲେ ନାହିଁ ?

ଉ: - ମାମଲା କେତେ ଗୁରୁତର ତାହା ଉପରେ ଆପଣ ତାଙ୍କ ବରିଷ୍ଠ ଅଧିକାରୀ କିମ୍ବା ମାଜିଷ୍ଟ୍ରେଟଙ୍କୁ ଅଭିଯୋଗ କରିପାରିବେ । ଏହା ସର୍ବଦା ଉଚିତ୍ ଯେ ଅଭିଯୋଗ ଲିଖିତ ହୋଇଛି ଏବଂ ଆପଣ ଏହାର ପ୍ରାପ୍ୟ ରସିଦ୍ ପାଇଛନ୍ତି ।

(୫୧) ପ୍ର: ମୁଁ କ'ଣ ଅଭିଯୋଗ କରିପାରିବି ?

ଉ: -ପୁଲିସ୍ ଅଧିକାରୀଙ୍କ ଦ୍ୱାରା ଯେକୌଣସି ଭୁଲ କର୍ମ ବିଷୟରେ ଆପଣ ଅଭିଯୋଗ କରିପାରିବେ କାରଣ ସେ ଜଣେ ଲୋକସେବକ ଯେ ସବୁ ସମୟରେ ନିଜର କର୍ତ୍ତବ୍ୟ କରିବାକୁ ବାଧ୍ୟ । ସେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରିପାରିବେ ନାହିଁ କିମ୍ବା ଏହା କରିବାରେ ବିଳମ୍ବ କରିପାରିବେ ନାହିଁ ।



(୫୨) ପ୍ର: କିନ୍ତୁ ଧରି ନିଆଯାଉ ପୁଲିସ ଅଧିକାରୀ ମୋ ପ୍ରତି ରୁକ୍ଷ ଓ ଅପମାନ କଲେ ?

ଉ: - ପୁନଃ, ଆପଣ ତାଙ୍କ ବରିଷ୍ଠ ଅଧିକାରୀଙ୍କୁ ଅଭିଯୋଗ କରି ପାରିବେ ଯଦି ଏହା ଏକ କର୍ତ୍ତବ୍ୟରେ ଅବହେଳା କିମ୍ବା ବିଶୃଙ୍ଖଳାର ମାମଲା । କିନ୍ତୁ ଯଦି ଏହା ତାହାଠାରୁ ଅଧିକ ସାଂଘାତିକ, କିମ୍ବା ଅପରାଧ ରୂପେ ବିବେଚିତ, ତେବେ ଆପଣ ତାଙ୍କ ବିରୁଦ୍ଧରେ ଏକ ଅଭିଯୋଗ ପୁଲିସ୍ ଥାନାରେ ଦାଖଲ କରିପାରିବେ, କିମ୍ବା ସିଧା ସ୍ଥାନୀୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ପାଖକୁ ଯାଇ ପାରିବେ ଏବଂ ଏକ ଅଭିଯୋଗ ଦାଏର କରିପାରିବେ ।

(୫୩) ପ୍ର: କିନ୍ତୁ ଯଦି ମୁଁ ଏକ ଅଭିଯୋଗ ସ୍ଥାନୀୟ ପୁଲିସ୍ ଥାନାରେ ଦାଏର କରିବି ସେମାନେ ତାଙ୍କ ନିଜ ଅଧିକାରୀଙ୍କ ବିରୁଦ୍ଧରେ ଏହା ଗ୍ରହଣ କରିବା ପାଇଁ ମନା କରିପାରନ୍ତି ?

ଉ: - ହଁ, ଏହା ଅନେକ ସମୟରେ ଘଟେ । ମାତ୍ର ଏହା ଘଟଣାର ଶେଷ ନୁହେଁ । ଆପଣ ରୁକ୍ଷ / ଅସୌଜନ୍ୟ ବ୍ୟବହାର, କର୍ତ୍ତବ୍ୟରେ ଅବହେଳା କିମ୍ବା ପୁଲିସ କ୍ଷମତାର ଅପବ୍ୟବହାର ସଂପର୍କରେ ଅଭିଯୋଗ ପୁଲିସ୍ ମୁଖ୍ୟଙ୍କ ପାଖକୁ ନେଇ ପାରିବେ । ଯଦି ଏହା ଏକ ଅପରାଧ ରୂପେ ଗ୍ରହଣୀୟ ଆପଣ ଏହାକୁ ନିକଟସ୍ଥ ମାଜିଷ୍ଟ୍ରେଟଙ୍କ ପାଖକୁ ନେଇପାରିବେ ।

(୫୪) ପ୍ର: କିନ୍ତୁ ଘଟଣା ଗୁଡ଼ିକ ନ୍ୟାୟାଳୟକୁ ନେବା ବହୁତ କଷ୍ଟସାଧ୍ୟ ଏବଂ ସମୟ ସାପେକ୍ଷ ?

ଉ: - ପୁଲିସ୍ ବିରୁଦ୍ଧରେ ଅଭିଯୋଗ ଆଣିବାକୁ ସହଜସାଧ୍ୟ କରିବାପାଇଁ କେତେକ ରାଜ୍ୟରେ ପୁଲିସ୍ ଅଭିଯୋଗ କର୍ତ୍ତୃପକ୍ଷ ଗଠନ ହୋଇଛି । ଏହା ଏକ ସ୍ୱତନ୍ତ୍ର ସଂସ୍ଥା ଯାହା ଜନସାଧାରଣଙ୍କ ପୁଲିସ୍ ସଂପର୍କୀୟ ଅଭିଯୋଗ ଦେଖିଥାଏ । ଏଥି ସହିତ, ଯେ କୌଣସି ବ୍ୟକ୍ତି ଯାହାଙ୍କର ପୁଲିସ୍ ବିରୁଦ୍ଧରେ ଅଭିଯୋଗ ଅଛି ଏହାକୁ ଜାତୀୟ ଓ ରାଜ୍ୟସ୍ତରରେ

ଗଠିତ ଅନ୍ୟ ବହୁତ ଆୟୋଗକୁ ନେଇପାରିବେ । ଏଗୁଡ଼ିକ ହେଲା ଜାତୀୟ ମାନବାଧିକାର ଆୟୋଗ, ରାଜ୍ୟ ମାନବାଧିକାର ଆୟୋଗ, ତଫସିଲଭୁକ୍ତ ଜାତି ଓ ଜନଜାତି ଆୟୋଗ, ଜାତୀୟ ମହିଳା ଆୟୋଗ ଓ ଏକା ପ୍ରକାରର ରାଜ୍ୟ ଆୟୋଗ ଏବଂ ଶିଶୁ ଆୟୋଗ । ଦୁର୍ନିତି ସମ୍ବନ୍ଧୀୟ ଘଟଣା ପାଇଁ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍, ସେଣ୍ଟ୍ରାଲ ଭିଜିଲାନସ କମିଶନ, ଲୋକ ଆୟୁକ୍ତ ଓ ରାଜ୍ୟ ଦୁର୍ନିତି ନିବାରଣ ଆୟୋଗ ରହିଛି । ଏହି ଆୟୋଗ ଗୁଡିକ ଆପଣଙ୍କର ଅଭିଯୋଗକୁ ଦେଖିବେ, ଏବଂ ସେମାନଙ୍କର କ୍ଷମତା ଅନୁଯାୟୀ ପୁଲିସ କର୍ମଚ୍ଚାରୀଙ୍କ ବିରୁଦ୍ଧରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ପୀଡ଼ିତକୁ କ୍ଷତିପୂରଣ ଦେବା ପାଇଁ ଆଦେଶ ପ୍ରଦାନ କରିପାରିବେ ।

**(୫୫) ପ୍ର : ମନେକର ମୁଁ ଏକ ଅପରାଧ ସଂପର୍କରେ ପୁଲିସ୍‌କୁ କହିବା ପାଇଁ ଚ୍ଚାହିଁବି, ମୁଁ କ'ଣ କରିବି ?**


ଉ:- ଯଦି ଏହା ଗୁରୁତର ଅପରାଧ ହୋଇଥାଏ ଯେପରିକି ଚ୍ଚୋରି, ଘର ଭାଙ୍ଗିବା, ଚିଡ଼େଇବା (ଇଭ୍ ଟିଜିଙ୍ଗ), ଆକ୍ରମଣ, ଶିଶୁ ଉତ୍ପିଡନ, ଧର୍ଷଣ, ଅପହରଣ, ଚ୍ଚାଲାଣ ଏବଂ ଦଙ୍ଗା କରିବା, ଆପଣ ତୁରନ୍ତ ଏକ ଏତଲା ସ୍ଥାନୀୟ ପୁଲିସ ଥାନାର ମୁଖ୍ୟଙ୍କ ନିକଟରେ ଦାଏର କରିପାରିବେ ଏବଂ ସେମାନେ ଲିଖିତ ଆକାରରେ ଏହା ଗ୍ରହଣ କରିବାକୁ ବାଧ୍ୟ ଏବଂ ଏହାର ଏକ ନକଲ ଆପଣଙ୍କୁ ଦେବେ । ଆପଣ ଅଭିଯୋଗ ସହିତ ମାଜିଷ୍ଟ୍ରେଟଙ୍କ ପାଖକୁ ମଧ ଯାଇପାରିବେ ଓ ସେ ଏହାକୁ ପଞ୍ଜିକରଣ କରିବେ ।


**(୫୬) ପ୍ର : ଏଫ. ଆଇ. ଆର କ'ଣ ?**

ଉ: ଫାଷ୍ଟ ଇନଫରମେସନ ରିପୋର୍ଟକୁ (ପ୍ରଥମ ସୂଚନା) ସଂକ୍ଷେପରେ ଏପରି କୁହାଯାଏ । ପୀଡିତ ବ୍ୟକ୍ତି, ସାକ୍ଷୀ ବା ଅନ୍ୟ କୌଣସି ବ୍ୟକ୍ତି ଯିଏ ଧର୍ତବ୍ୟ ଅପରାଧ ସଂପର୍କରେ ଜଣିଛନ୍ତି ସେ ଏଫ୍. ଆଇ .ଆର ଦାଖଲ କରିପାରିବେ । ଏତଲାରେ ଆପଣ ଯାହା କହିଥିବେ ତଦ୍‌ନୁଯାୟୀ ପ୍ରକ୍ରିୟା ଆରମ୍ଭ ହେବ, ଏହାକୁ ଆଧାର କରି ଘଟଣା ସଂପର୍କରେ ପୁଲିସ ତଦନ୍ତ କରିବେ ଓ ସତ୍ୟାସତ୍ୟ ଏକତ୍ର କରି ଦେଖିବେ ଏକ ମାମଲା ସଂଗଠିତ ହୋଇପାରୁଛି ।

**(୫୭) ପ୍ର: ମୁଁ ଏଫ୍. ଆଇ. ଆର. ଦାଖଲ ଯେକୌଣସି ପୁଲିସ୍ ଥାନାରେ କରିପାରିବି ନା ମୋତେ କେବଳ ସ୍ଥାନୀୟ ପୁଲିସ୍ ଥାନାକୁ ଯିବାକୁ ପଡ଼ିବ ?**

ଉ:-ଯେ କୌଣସି ପୁଲିସ୍ ଥାନାରେ ଆପଣ ଏଫ୍. ଆଇ. ଆର. ଦାଖଲ କରିପାରିବେ । କିନ୍ତୁ ଯେଉଁ ପୁଲିସ୍ ଥାନା ଅଧିନରେ ଅପରାଧ ସଂଗଠିତ ହୋଇଛି ସେହି ଥାନାକୁ ଯିବା ଉତ୍ତମ କାରଣ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା କରିପାରିବେ । କିନ୍ତୁ ଆପଣ ଯଦି ଅନ୍ୟ ଯେ କୌଣସି ପୁଲିସ୍ ଥାନରେ ଦାଖଲ କରିବେ, ଅଭିଯୋଗକୁ ଲେଖି ରଖିବାକୁ ପୁଲିସ ବାଧ ଏବଂ ଉପଯୁକ୍ତ ଥାନାକୁ ତାହା ପଠାଇବେ । ତାଙ୍କ ଅଞ୍ଚଳରେ ଅପରାଧ ଘଟିନାହିଁ କହି ଆପଣଙ୍କ ଏଫ.ଆଇ. ଆର. କୁ ଦାଖଲ କରିବାକୁ ସେମାନେ ମନା କରିପାରିବେ ନାହିଁ ।






**(୫୮) ପ୍ର : ମୋର ଅଭିଯୋଗକୁ ଦାଖଲ କରିବାକୁ ପୁଲିସ ମନା କରିପାରିବ କି ?**

ଉ :- ହଁ ଓ ନାଁ । ଭାରତରେ ଅପରାଧ ଗୁଡ଼ିକ "ଧର୍ତ୍ତବ୍ୟ" ଏବଂ "ଅଧର୍ତ୍ତବ୍ୟ" ଭାବେ ବିଭକ୍ତ ହୋଇଛି । ଧର୍ତ୍ତବ୍ୟ ଅପରାଧର ଉଦାହରଣ ହେଉଛି ହତ୍ୟା, ଧର୍ଷଣ, ଦଙ୍ଗା ଏବଂ ଡକାୟତି । ଏଗୁଡ଼ିକ ଏପରି ଅପରାଧ ଯେଉଁଠାରେ ପୁଲିସ ସିଧାସଳଖ ସଂଜ୍ଞାନ ନେଇପାରିବ, ଏଫ.ଆଇ.ଆର ପଞ୍ଜିକୃତ କରିବ ଏବଂ ଅନୁସନ୍ଧାନ ଆରମ୍ଭ କରିବ । ଅଧର୍ତ୍ତବ୍ୟ ଅପରାଧ ଉଦାହରଣ ହେଉଛି ଠକେଇ, ପ୍ରବଞ୍ଚନା, ଜାଲିଆତି ଦ୍ୱି. ବିବାହ, ସାର୍ବଜନୀକ ବିରକ୍ତିକର ସ୍ଥିତି ତିଆରି କରିବା । ଏହି ଅପରାଧ ଗୁଡ଼ିକରେ ଅନୁସନ୍ଧାନ ସେତେବେଳେ ଆରମ୍ଭ ହେବ ଯେତେବେଳେ ଜଣେ ମାଜିଷ୍ଟ୍ରେଟ ଅଭିଯୋଗକୁ ଗ୍ରହଣ କରିବେ ଏବଂ ପୁଲିସକୁ ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେବେ । ଏହି ସ୍ଥୁଳ ପ୍ରବେଦ୍ଧ ବୁଝିବା ପାଇଁ ରାସ୍ତା ହେଉଛି ଯେ ଅପରାଧ ଯେଉଁ ଗୁଡ଼ିକ ଜରୁରୀ ଜବାବ ଆବଶ୍ୟକ କରୁଥିବ ସେଠାରେ ପୁଲିସକୁ ସିଧା ଅଭିଯୋଗ କରାଯାଇପାରିବ ଏବଂ ଅନ୍ୟମାନେ ମାଜିଷ୍ଟ୍ରେଟଙ୍କ ନିକଟକୁ ଯିବେ । ତେଣୁ ଯଦିଓ ପୁଲିସ୍ ଆପଣଙ୍କର ଅଭିଯୋଗ ବିଚାର ପାଇଁ ଗ୍ରହଣ କରିନାହିଁ, ସେମାନେ ଅତିକମ୍‌ରେ ଆପଣଙ୍କୁ ଶୁଣିବେ, ଆପଣଙ୍କ ଘଟଣା ପ୍ରତିଦିନ ଲିପିରେ (ଡେଲି ଡାଏରୀ) ଲିପିବଦ୍ଧ କରିବେ, ଦସ୍ତଖତ ସମ୍ବଳିତ ଏକ ନକଲ ମାଗଣାରେ ଆପଣଙ୍କୁ ଦେବେ ଏବଂ ମାଜିଷ୍ଟ୍ରେଟଙ୍କ ପାଖକୁ ଏହା ନେବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦେବେ ।

**(୫୯) ପ୍ର :ଧରିନିଆଯାଉ ମୋର ଅଭିଯୋଗ ଧର୍ତ୍ତବ୍ୟ ଅପରାଧ ସମ୍ବଳିତ ଅଟେ କିନ୍ତୁ ଥାନା ଅଧିକାରୀ ଏହାକୁ ପଞ୍ଜିକୃତ କରିବା ପାଇଁ ମନା କରନ୍ତି । ମୁଁ କ'ଣ କରି ପାରିବି ?**

ଉ :- ଅଭିଯୋଗକୁ ବରିଷ୍ଠ ଅଧିକାରୀ/ ଜିଲ୍ଲା ପୁଲିସ୍‌ର ମୁଖ୍ୟ କିମ୍ବା ନିକଟସ୍ଥ ନ୍ୟାୟାଧିଶଙ୍କ ନିକଟକୁ ନେଇ ଆପଣ ଏହାକୁ ପଞ୍ଜିକୃତ କରାଇ ପାରିବେ ଏବଂ ଆପଣ ଏହାକୁ ପଞ୍ଜିକୃତ କରିବା ପାଇଁ ସେମାନେ ନିର୍ଦ୍ଦେଶ ଦେବେ ।

ଆପଣଙ୍କ ଅଭିଯୋଗକୁ ନଥିଭୁକ୍ତ ସୁନିର୍ଶ୍ଚିତ କରାଇବା ଉଦ୍ଦେଶ୍ୟରେ ଓ ଏହାର ପରବର୍ତ୍ତୀ ପଦକ୍ଷେପ ପାଇଁ ଅଭିଯୋଗକୁ ହାତରେ ଦେବେ କିମ୍ବା ଯଦି ଆପଣ ଏହାକୁ ଡାକଯୋଗେ ପଠାଉଥାନ୍ତି ଏହାକୁ ପଞ୍ଜିକୃତ ଏ.ଡି.କରାଇବେ । ଯାହା ହେଲେ ବି, ଏକ ରସିଦ ସଂଗ୍ରହ କରିବେ ଯାହା ଏହାର ପ୍ରାପ୍ତି ପ୍ରମାଣ କରିବ ଓ ଏହାକୁ ସୁରକ୍ଷିତ ଭାବେ ରଖିବେ । ଏହା ଦେଖାଇବ ଯେ ଅଭିଯୋଗ ପ୍ରକୃତରେ ସମ୍ପୃକ୍ତ ଅଧିକାରୀଙ୍କର ପ୍ରାପ୍ତ ହୋଇଛି । ଏହା ଆପଣଙ୍କ ଅଭିଯୋଗର ଯତ୍ନ ନେବ ମାତ୍ର ଆପଣଙ୍କ ଘଟଣା ପଞ୍ଜିକୃତ କରିବାରେ ଆପଣଙ୍କୁ ପ୍ରଥମତଃ ହୋଇଥିବା ଅସୁବିଧା ସମ୍ପର୍କରେ ମଧ୍ୟ ଅଭିଯୋଗ କରିବା ଉଚିତ୍ । ଏହି ବାଟରେ ଅଧିକାରୀ ଏହା ପୁନରାବୃତ୍ତି କରିବାର ସମ୍ଭାବନା କମ୍ ରହିଛି ।

**(୬୦) ପ୍ର :- କ'ଣ ସବୁ ଏଫ.ଆଇ.ଆରରେ ନିର୍ଶ୍ଚିତ ରହିବା ଉଚିତ ?**

ଉ :- ଏତଲା (ଏଫ୍.ଆଇ.ଆର) ଆପଣ ଘଟଣାକୁ ଯେପରି ଜାଣିଛନ୍ତି ବା ଆପଣଙ୍କୁ ଯେପରି କୁହାଯାଇଛି ତା'ର ବୟାନ । ଏହା ସବୁବେଳେ ଭଲ ଯେ ଆପଣ ପ୍ରାଥମିକ ଭାବେ ଘଟଣା ଜାଣିଛନ୍ତି ମାତ୍ର ଏହା ଜରୁରୀ ନୁହେଁ ଯେ ଆପଣ ଅପରାଧକୁ ନିଜେ ଦେଖିଛନ୍ତି । ଏହା ଯାହାବି ହେଉ, ଆପଣ କେବଳ ସଠିକ୍ ସୂଚନା ଦେବା ଉଚିତ । କେତେବେଳେ ଘଟଣାକୁ ଅତିରଞ୍ଜିତ କରି କିମ୍ବା କଳ୍ପନା କରି କିମ୍ବା ଜଡୀତକରଣ କରିବେ ନାହିଁ ।

ଘଟିଥିବା ସ୍ଥାନ, ତାରିଖ ଓ ସମୟ ଦିଅନ୍ତୁ । ଘଟଣାରେ ସାମିଲ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଭୂମିକାକୁ ସତର୍କତା ସହ ବର୍ଣ୍ଣନା କରନ୍ତୁ : ସେମାନେ କେଉଁଠାରେ ଥିଲେ, ସେମାନେ କ'ଣ

କରୁଥିଲେ, ପ୍ରତ୍ୟେକ ବ୍ୟକ୍ତି କ'ଣ କରୁଥିଲେ ତାର ଧାରା ବିବରଣୀ, କୌଣସି ପ୍ରକାରର କ୍ଷତ କିମ୍ବା ସମ୍ପତ୍ତି ନଷ୍ଟ ହୋଇଛି । କେଉଁ ପ୍ରକାର ଅସ୍ତ୍ର ବ୍ୟବହାର ହୋଇଥିଲା ତାହା ଦେବାକୁ ଭୁଲନ୍ତୁ ନାହିଁ । ଏହି ସମସ୍ତ ଘଟଣା ଓ ପରିସ୍ଥିତି ଯଥାଶୀଘ୍ର ସମ୍ଭବ ଲିପିବଦ୍ଧ ହେବା ଭଲ । ଅଭିଯୋଗ ଅଭିଲିଖିତ ହେବାରେ ଯଦି କିଛି ବିଳମ୍ବ ହେଉଛି ତେବେ ବିଳମ୍ବର କାରଣ ଲେଖିବା ନିଶ୍ଚିତ କରନ୍ତୁ ।


**(୬୧) ପ୍ର: ମୁଁ କିପରି ନିଶ୍ଚିତ ହେବି ଯେ ମୁଁ ଯାହା ସେମାନଙ୍କୁ କହିଲି ପୁଲିସ୍ ତାହା ସଠିକ୍ ଭାବେ ଲେଖିଲେ ?**

ଉ:- ମନେରଖନ୍ତୁ ଏତଲା (ଏଫ୍.ଆଇ.ଆର) ଆପଣଙ୍କର ବୟାନ ଯାହା ଆପଣ ଜାଣିଛନ୍ତି । ଏହା ପୁଲିସ୍‌ର କୌଣସି ବୟାନ ନୁହେଁ । ଏଥିରେ କୌଣସି ଜିନିଷ ନ ମିଶାଇ କିମ୍ବା କିଛି ବାଦ୍ ନଦେଇ ଏହାକୁ ଠିକ୍ ଭାବେ ରଖିବାକୁ ପୁଲିସ୍ ସେଠାରେ ଅଛନ୍ତି । ଏହାକୁ ନିଶ୍ଚିତ କରାଇବା ପାଇଁ, ଆଇନ୍ ପୁଲିସ୍ ଅଧିକାରୀଙ୍କୁ ଆବଶ୍ୟକ କରୁଛି ଯେ ଆପଣଙ୍କୁ ଏଫ୍. ଆଇ.ଆର. ପଢ଼ି ଶୁଣାଇବ ଏବଂ ଯାହା ଲେଖାଯାଇଛି ଯେତେବେଳେ ଆପଣ ସେଥିରେ ରାଜି ହେଲେ ସେତେବେଳେ ଆପଣ ଦସ୍ତଖତ କରିବା ଆବଶ୍ୟକ । ଏହାର ଏକକିତା ନକଲ ପୁଲିସ୍ ଆପଣଙ୍କୁ ମାଗଣାରେ ଦେବ । ଏତଲା (ଏଫ୍.ଆଇ.ଆର.) ଅଭିଲିଖିତ ହୁଏ ଏଫ୍. ଆଇ.ଆର ଅଭିଲେଖ ବହିରେ ଏବଂ ଏକ ନକଲ ବରିଷ୍ଠ ଓ ମାଜିଷ୍ଟ୍ରେଟଙ୍କ ପାଖକୁ ଯାଏ ।


**୬୨. ପ୍ର: ମହିଳା ମାନଙ୍କର ଏତଲା ( ଏଫ୍.ଆଇ. ଆର) ଲିପିବଦ୍ଧ କରିବା ପାଇଁ କୌଣସି ସ୍ୱତନ୍ତ୍ର ପ୍ରକ୍ରିୟା ଅଛି କି ?**

ଉ:- ହଁ, ମହିଳାଙ୍କ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଅପରାଧ ମାମଲାରେ । ମହିଳା ମାନଙ୍କପାଇଁ ପୁଲିସ ଥାନାକୁ ଯିବା ଓ ଏତଲା (ଏଫ୍. ଆଇ. ଆର) ଦାଖଲ କରିବା ସହଜ ନୁହେଁ ବୋଲି ଗ୍ରହଣ କରାଯାଇ ବର୍ତ୍ତମାନ ଆଇନ୍ ଆବଶ୍ୟକ କରୁଛି ଯେ ଯେତେବେଳେ ମହିଳା ଧର୍ଷଣ, ଗଣଧର୍ଷଣ, ଅନାଇ ଗୋଡ଼ାଇବା, ଲୁଚିକରି ବ୍ୟକ୍ତିଗତ ବ୍ୟାପାର ଦେଖିବା, ଯୌନ ଉତ୍ପିଡନ, ଶାଳୀନତା ଭଗ୍ନ କରିବା । ଏସିଡ଼ ଆକ୍ରମଣ ଅଭିଯୋଗ କରୁଛନ୍ତି ସେତେବେଳେ ଏତଲା କେବଳ ଜଣେ ମହିଳା ପୁଲିସ୍ ଅଧିକାରୀ ବା ଅନ୍ୟ କୌଣସି ମହିଳା ଅଧିକାରୀଙ୍କ ଦ୍ୱାରା ପଞ୍ଜିକୃତ ହେବ । ଯଦି ପିଡିତା ମହିଳା ମାନସିକ ବା ଶାରିରୀକ ସ୍ତରରେ ଅସମର୍ଥ, ତେବେ ତାଙ୍କୁ ଅଭିଯୋଗ ଦାଖଲ ପାଇଁ ପୁଲିସ୍ ଥାନାକୁ ଯିବାକୁ ପଡ଼ିବ ନାହିଁ । ଅଭିଯୋଗକୁ ଅଭିଲିଖିତ କରିବା ପାଇଁ ବରଂ ପୁଲିସ୍‌କୁ ତାଙ୍କ ଘର କିମ୍ବା ତାଙ୍କ ଚାହିଁବା ଅନୁଯାୟୀ ସ୍ଥାନକୁ ଯିବାକୁ ପଡ଼ିବ । ପୁଲିସ୍ ମଧ୍ୟ ମହିଳାଙ୍କ ଆବଶ୍ୟକତା ଅନୁଯାୟୀ ଜଣେ ସ୍ୱତନ୍ତ୍ର ଶିକ୍ଷକ ବା ପରାମର୍ଶଦାତାଙ୍କୁ ଯୋଗାଡ଼ କରିବେ । ଏପରି ମହିଳାଙ୍କ ବିବରଣୀ ମଧ୍ୟ ଭିଡିଓଗ୍ରାଫ୍ କରାଯିବ ।

**(୬୩) ପ୍ର : ଯଦି ପୁଲିସ୍ ଅଧିକାରୀ ଏ ପ୍ରକାର ଏଫ. ଆଇ. ଆରକୁ ପଞ୍ଜିକୃତ କରିବା ପାଇଁ ମନା କରନ୍ତି କ'ଣ ହେବ ?**




ଉ:- ଯେଉଁ ପୁଲିସ୍ ଅଧିକାରୀ ଯୌନଗତ ଅପରାଧର ଅଭିଯୋଗ କରୁଥିବା ମହିଳାଙ୍କ ଏତଲା ପଞ୍ଜିକୃତ କରନ୍ତି ନାହିଁ, ଯଦି ଦୋଷୀ ରୂପେ ମିଳନ୍ତି, ସେ ଛଅ ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ କାରାଦେଶ ଦଣ୍ଡ ପାଇବେ ଏବଂ ଜୋରିମାନା ମଧ୍ୟ ଦେବେ ।




(୬୪) ପ୍ର: ଯୌନଗତ ଅପବ୍ୟବହାରରେ ପୀଡିତ ଶିଶୁମାନଙ୍କର କ'ଣ ହେବ ? ଏପରି ମାମଲାରେ ପୁଲିସ୍ ପାଳନ କରିବା ପାଇଁ କୌଣସି ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି କି ?

ଉ:- ହଁ, ସଂପୂର୍ଣ୍ଣ ରୂପେ । ଯୌନଗତ ଅପରାଧରୁ ଶିଶୁଙ୍କ ସୁରକ୍ଷା ଅଧିନିୟମ, ୨୦୧୨ (ପୋକ୍ସୋ) ରେ ସମସ୍ତ ଶିଶୁ ସହଯୋଗୀ ପ୍ରକିୟା ଯଥା ରିପୋର୍ଟ କରିବା, ସାକ୍ଷର ଅଭିଲେଖନ, ଅନୁସନ୍ଧାନ ଏବଂ ପିଲାଙ୍କ ବିରୁଦ୍ଧରେ ହେଉଥିବା ଅପରାଧର ବିଚାର ଅନ୍ତର୍ଭୁକ୍ତ ଅଟେ । ଅଭିଯୋଗ ମିଳିବା ମାତ୍ରେ,ଜୁଭେନାଇଲ ପୁଲିସ ୟୁନିଟ କିମ୍ବା ସ୍ଥାନୀୟ ପୁଲିସ୍ ଶିଶୁଟିର ବୟାନ ତାଙ୍କ ଘରେ କିମ୍ବା ତାଙ୍କ ଇଚ୍ଛା ମୁତାବକ ସ୍ଥାନରେ ଲିପିବଦ୍ଧ କରିବେ । ଯଥା ସମ୍ଭବ ସବ୍ ଇନିସପେକ୍ଟର ପାହ୍ୟାଠାରୁ ନିମ୍ନ ହୋଇ ନଥିବା ଜଣେ ମହିଳା ପୁଲିସ୍ ଅଧିକାରୀଙ୍କ ଦ୍ୱାରା ଅଭିଯୋଗ ଅଭିଲିଖିତ ନିଶ୍ଚିତ ହେବ । ଶିଶୁଟିର ବୟାନ ଅଭିଲିଖିତ ହେଉଥିବାବେଳେ ପୁଲିସ୍ ଅଧିକାରୀ ତାଙ୍କ ପୋଷାକରେ ନଥିବେ । କୌଣସି ପରିସ୍ଥିତିରେ ମଧ ଶିଶୁଟିଏ ପୁଲିସ୍ ଥାନାରେ ରାତ୍ରିରେ ଅଟକ ରଖା ଯିବେ ନାହିଁ । ଶିଶୁଟିର ବୟାନ ଏପରି ଭାଷାରେ ହେବ ଯାହା ଶିଶୁ ବୁଝିପାରୁଥିବ । ଯଦି ଆବଶ୍ୟକ ହୁଏ ଶିଶୁର ଆବଶ୍ୟକତା ଅନୁଯାୟୀ ଜଣେ ବାଖ୍ୟାକାରି, ଅନୁବାଦକ କିମ୍ବା ପ୍ରବୀଣ ବ୍ୟକ୍ତିଙ୍କର ସହଯୋଗ ଅଣାଯିବ ।

ଯଦି ଜୁଭେନାଇଲ୍ ପୁଲିସ ୟୁନିଟ୍ କିମ୍ବା ସ୍ଥାନୀୟ ପୁଲିସ ଅନୁଭବ କରନ୍ତି ଯେ ଶିଶୁଟି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଛି ତେବେ ସେମାନେ ତୁରନ୍ତ ଶିଶୁଟିକୁ କୌଣସି ଆଶ୍ରୟଗୃହ କିମ୍ବା ଚିକିତ୍ସାଳୟକୁ ପଠାଇବା ପାଇଁ ବ୍ୟବସ୍ଥା କରିବେ । ଏହା କରିବା ପୂର୍ବରୁ ପୁଲିସ ଏହାର କାରଣ ଲିଖିତ ଭାବେ ଅଭିଲିଖିତ କରିବେ ।

ଯଦି ଚିକିତ୍ସାଳୟକୁ ନିଆଗଲା ବେଳେ ଶିଶୁଟିର ଡାକ୍ତରୀ ପରୀକ୍ଷା ହୁଏ ଶିଶୁଟିର ପିତାମାତା କିମ୍ବା ଶିଶୁ ଆସ୍ଥା ରଖୁଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ହେବ । ଯଦି ପୀଡିତା ଜଣେ କନ୍ୟା ଶିଶୁ, ତେବେ ନିଶ୍ଚିତ ଜଣେ ମହିଳା ଚିକିତ୍ସକଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଯିବ ।

(୬୫) ପ୍ର: ମୋର ଏଫ୍. ଆଇ. ଆର ଦାଖଲ ହେଲା ପରେ କ'ଣ ହେବ ?

ଉ:- ଏଫ୍. ଆଇ.ଆର ପୁଲିସ୍ ଅନୁସନ୍ଧାନ କୁ ଗତିଶୀଳ କରାଇଥାଏ । ଏହାର ଅଂଶ ସ୍ୱରୂପ ପୁଲିସ ପୀଡିତ କିମ୍ବା ସାକ୍ଷ୍ୟଙ୍କ ସହ କଥାବାର୍ତ୍ତା କରିପାରନ୍ତି, ବୟାନ ଅଭିଲିଖିତ କରିବେ ମୃତ୍ୟୁକାଳୀନ ଜମାନବନ୍ଦୀ ସହିତ, ଅପରାଧର ଦୃଶ୍ୟ ପରୀକ୍ଷା କରିବେ, ବସ୍ତୁକୁ ଅପରାଧ ଅନୁସନ୍ଧାନ ପାଇଁ ପଠାଇବେ, ଶରୀର ବ୍ୟବଚ୍ଛେଦ ପାଇଁ ପଠାଇପାରନ୍ତି, ଅନେକ ଲୋକଙ୍କୁ ପ୍ରଶ୍ନ କରି ମୁଖ୍ୟାଂଶ ସହିତ ଅଧିକ ଅନୁସନ୍ଧାନ କରିବେ । ଅନୁସନ୍ଧାନ ସରିବାପରେ, ଦାୟିତ୍ୱରେ ଥିବା ଅଧିକାରୀ ସଂପୂର୍ଣ୍ଣ ଅଭିଲିଖିତ କରିବେ । ଏହାକୁ ଏକ ଚାଲାଣ ବା ଦୋଷାରୋପ ଫର୍ଦ୍ଦ କୁହାଯାଏ ।

(୬୬) ପ୍ର : ଚାଲାଣ ବା ଦୋଷାରୋପ ଫର୍ଦ୍ଦ କ'ଣ ?

ଉ:- ସମସ୍ତ ଅନୁସନ୍ଧାନ ଶେଷ ହୋଇଗଲା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତ ତଥ୍ୟକୁ ଦେଖିବେ ଏବଂ ଏକ ଅପରାଧ ହୋଇଛି ବୋଲି ଯଥେଷ୍ଟ ସାକ୍ଷ୍ୟ ଅଛି ବୋଲି ନିଷ୍ପତ୍ତି ନେବେ ଏବଂ ଏହାକୁ ଅଭିଯୋଜକ ଏବଂ ଅଦାଲତ ପାଇଁ ଦୋଷାରୋପ ଫର୍ଦ୍ଦ(ଚାର୍ଜସିଟ) ରେ ଲେଖିବେ । ଯଦି ଅପରାଧର ସମସ୍ତ ମୌଳିକ ବସ୍ତୁ ବାହାରି ନାହିଁ ତେବେ ଦୋଷୀକୁ ଅଦାଲତକୁ ଆଣିଲେ ସମୟ ନଷ୍ଟ ହେବ । ଥରେ ଦୋଷାରୋପ ଫର୍ଦ୍ଦ ଅଭିଯୋଜକ ଏବଂ ଅଦାଲତକୁ ଯିବା ମାତ୍ରେ ଏହା ଦେଖିବା ପାଇଁ ସେମାନେ ସ୍ୱାଧୀନ ଭାବେ ପରୀକ୍ଷା କରିବା ଉଚିତ୍ ଯେ ଯେଉଁ ତଥ୍ୟ ଓ ପରିସ୍ଥିତି କୁହାଯାଇଛି ସେଥିରେ ପ୍ରକୃତରେ ଏକ ସାମ୍ଭାବ୍ୟ ଅପରାଧ ହୋଇଥିବା ଜଣା ପଡୁଛି ।

(୬୭) ପ :- ପୁଲିସ୍ କ'ଣ ମୋର ଅଭିଯୋଗକୁ ବନ୍ଦ କରିପାରିବେ ଏବଂ ଅଧିକତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ?

ଉ :- ହଁ । ଯଦି ସେମାନଙ୍କର ନିଜର ଅନୁସନ୍ଧାନପରେ ପୁଲିସ ନିଷ୍ପତ୍ତି ନେଉଛି ଯେ ଅପରାଧ ଘଟିଥିବା କଥାକୁ ସହଯୋଗ କରୁଥିବା ପରି ଯଥେଷ୍ଟ ସାକ୍ଷ୍ୟ ନାହିଁ, କିମ୍ବା ଅପରାଧ ହୋଇଛି ମାତ୍ର ଯେଉଁ ଲୋକ ଏହାକୁ କରିଛନ୍ତି ସେମାନେ ଜଣା ନାହାନ୍ତି ତେବେ ସେମାନେ ମାମଲାକୁ ବନ୍ଦ କରିପାରିବେ । କିନ୍ତୁ ତାଙ୍କ ନିଷ୍ପତ୍ତି ବିଷୟରେ ଆପଣଙ୍କୁ ନିଶ୍ଚିତ ସୂଚନା ଦେବେ । ସେହି ସମୟରେ ଆପଣଙ୍କ ପାଖରେ ଏକ ସୁଯୋଗ ଅଛି ଅଦାଲତ ସମ୍ମୁଖରେ ବନ୍ଦକୁ ବିରୋଧ କରିବା ପାଇଁ ।




ପୁରୁଷାନୁକ୍ରମେ ପ୍ରାପ୍ତ୍ୟଦ୍ରବ୍ୟ

(୬୮) ପ୍ର : ମୋ ମାମଲାର ଅଗ୍ରଗତି ସମ୍ବନ୍ଧରେ ମୋତେ ଜଣାଯିବ କି ?ଉ :- ଆଇନ୍‌ରେ ଏପରି କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ ଯାହା ପୁଲିସ୍ ଅଧିକାରୀଙ୍କୁ ଆବଶ୍ୟକ କରୁଥିବ ଯେ ସେ ଆପଣଙ୍କୁ ମାମଲାର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେବେ । ଅଭିଯୋଗକାରୀ ଙ୍କୁ ମାମଲା କିପରି ଯାଉଛି ସେ ସଂପର୍କରେ କହିବା କିନ୍ତୁ ଏକ ଭଲ ଅଭ୍ୟାସ, ଯଦି ଏହାର ତଦନ୍ତ ସହ କୌଣସି ସାଲିସ୍ କରୁନାହିଁ ।

(୬୯) ପ୍ର: ଯଦି ପୁଲିସ୍ ଘଟଣାକୁ ଅନୁସନ୍ଧାନ କରୁନାହାନ୍ତି, କିମ୍ବା ଅତି ମନ୍ଥର ଗତିରେ କରୁଛନ୍ତି କିମ୍ବା ଅନୁସନ୍ଧାନର ପ୍ରମୁଖ ଦିଗକୁ ପରୀକ୍ଷା କରିବା ପାଇଁ ମନା କରୁଛନ୍ତି ମୁଁ କଣ କରିବି ?

ଉ:- ଆଇନ୍ ର ଏକ ପ୍ରମୁଖ ନୀତି ହେଲା ପୁଲିସ୍ ଅନୁସନ୍ଧାନରେ କେହି ମଧ ହସ୍ତକ୍ଷେପ କରିପାରିବେ ନାହିଁ । ତାହା କୁହାଗଲେ ମଧ, ଯଦି ପୁଲିସ୍ ଆଗକୁ ଅଗ୍ରସର ହେବାକୁ ମନାକରେ , କିମ୍ବା ଅତି ମନ୍ଥର ଗତିରେ ଏହା କରେ କିମ୍ବା ଅନୁସନ୍ଧାନର ପ୍ରମୁଖ ଦିଗକୁ ଇଚ୍ଛା ପୂର୍ବକ ଅସମ୍ମାନ କରେ, ଆପଣ ନିଶ୍ଚୟ ବରିଷ୍ଠ ଅଧିକାରୀ କିମ୍ବା ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କୁ ଅଭିଯୋଗ କରିପାରିବେ ଯିଏ ଅନୁସନ୍ଧାନ କରିବାପାଇଁ ପୁଲିସ୍‌କୁ ନିର୍ଦ୍ଦେଶ ଦେବେ ତତ୍ ସହିତ ଅନୁସନ୍ଧାନର ନଥି ମଗାଇ ପାରିବେ । ପୁନର୍ବାର, ଏହା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ସବୁକିଛି ଲିଖିତ ଭାବେ ହୋଇଛି ଏବଂ ପ୍ରାପ୍ତି ସ୍ୱୀକାରର ନଥି ଆପଣଙ୍କ ପାଖରେ ରହିବା ନିଶ୍ଚିତ ହୋଇଛି ।

(୭୦) ପ୍ର : ମୁଁ ଯେତେବେଳେ ଚାହିଁବି ପୁଲିସ୍ ଅଧିକାରୀଙ୍କୁ ଡାକି ପାରିବି କି ?

ଉ:- ହଁ ଏବଂ ନା । ପୁଲିସ ଅତ୍ୟଧିକ କାର୍ଯ୍ୟବ୍ୟସ୍ତ ଏବଂ ସେମାନଙ୍କର ସଂଖ୍ୟା ଅଳ୍ପ ତେଣୁ ତୁଚ୍ଛ ଅଭିଯୋଗ କିମ୍ବା ଅବାସ୍ତବ ସୂଚନା ସହିତ ଜନସାଧାରଣ ଅବିରତ ତାଙ୍କୁ ଡାକି ପାରିବେ ନାହିଁ । ମାତ୍ର, ଆପଣ ଯଦି ଅସୁବିଧାରେ ଅଛନ୍ତି, ଯଦି ଏକ ଅପରାଧ ଘଟିଛି କିମ୍ବା ଘଟୁଛି ,ଯଦି ଦଙ୍ଗା ହେବାର ସମ୍ଭାବନା ରହିଛି, ଯଦି କିଛି ଲୋକ ମାଡପିଟ୍ ହେଉଛନ୍ତି ଏବଂ ବିଶୃଙ୍ଖଳାର ସମ୍ଭାବନା ରହିଛି କିମ୍ବା ଯଦି ସେମାନଙ୍କୁ ଦେବା ପାଇଁ ଆପଣଙ୍କ ପାଖରେ ସାଙ୍ଘାତିକ ସୂଚନା ରହିଛି ଆପଣ ପୁଲିସ୍‌କୁ ଡାକି ପାରିବେ । କିନ୍ତୁ ଆପଣ ପୁଲିସକୁ ଡାକି ପାରିବେ ନାହିଁ ସେହି ଘଟଣା ପାଇଁ ଯାହା ତାଙ୍କ କାମ ସହ ସଂପୃକ୍ତ ନୁହେଁ । ବେଳେବେଳେ



ଲୋକମାନେ ଅନର୍ଥକ ଖେଳନ୍ତି ଏବଂ କିଛି ନଘଟିଥିଲେ ମଧ୍ୟ ପୁଲିସକୁ ଡାକିଥାନ୍ତି ଏପରି ପରିହାସ ପାଇଁ ଆପଣ ଦଣ୍ଡିତ ହୋଇପାରନ୍ତି ।

**(୭୧) ପ୍ର : ନ କହି ଜଣେ ପୁଲିସ୍ ଅଧିକାରୀ ମୋ ଘରକୁ ଆସିପାରିବେ କି ଏବଂ ମୋ ଘରକୁ ଖାନ୍‌ତଲାସ କରିବେ ଓ ଜିନିଷ ନେଇଯାଇପାରିବେ କି ?**

ଉ :- କେବଳ କେତେକ ସୀମିତ ପରିସ୍ଥିତିରେ । ଯଦି ପୁଲିସ୍ ପ୍ରଶ୍ନ କରିବା ପାଇଁ ଆପଣଙ୍କ ଘରକୁ ଆସିବ ସେମାନେ କେବଳ ଆପଣଙ୍କର ନିମନ୍ତ୍ରଣ କ୍ରମେ ପ୍ରବେଶ କରିପାରିବେ । ଯାହାହେଉ, ଯଦିଓ ପୁଲିସର ବିଶ୍ୱାସ କରିବାକୁ ଯଥାର୍ଥ ଆଧାର ଥାଏ ଯେ ଆପଣ ଜଣେ ସନ୍ଦେହି କିମ୍ବା ଅପରାଧୀକୁ ଲୁଚ୍‌ଇଛନ୍ତି, ଆପଣ ସମ୍ପତ୍ତି ଚୋରି କରିଛନ୍ତି କିମ୍ବା ବେଆଇନ ଅସ୍ତ୍ର ଆପଣଙ୍କ ଘରେ ରଖିଛନ୍ତି ସେମାନେ କେବଳ ଆପଣଙ୍କ ଘରେ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ତଲାସି ପରୱାନା ଆଣି ପ୍ରବେଶ କରିପାରିବେ । କିନ୍ତୁ ଯଦି ସନ୍ଦେହି, ଅପରାଧୀ କିମ୍ବା ବିଳମ୍ବ ନକରି କୌଣସି ବସ୍ତୁ ଅଣାଯିବାର ଆବଶ୍ୟକତା ଥାଏ ଏବଂ ଭୟ ଅଛି ଯେ ଯଦି ଏହାକୁ ଅଭିଗ୍ରହଣ ନ କରାଯାଏ ଏହା ନଷ୍ଟ ହୋଇଯିବ ତେବେ ସେମାନେ ଆପଣଙ୍କ ଘରେ ପରୱାନା ନଥାଇ ପ୍ରବେଶ କରିପାରିବେ ।

**(୭୨) ପ୍ର : ଆପଣଙ୍କ ଅନୁଯାୟୀ ପୁଲିସ ମୋ ଘରେ ପ୍ରବେଶ କରିପାରିବ ଏବଂ ଯାହାକିଛି ନେଇପାରିବ ?**




ଉ :- ନାଁ । କେବଳ ପ୍ରକୃତ ଜରୁରୀ କ୍ଷେତ୍ରରେ ଏହା ହେବ - ଉଦାହରଣ ସ୍ୱରୂପ ପ୍ରକୃତରେ ଜଣେ ସନ୍ଦେହି ପଳାଇବାର ସମ୍ଭାବନା ଥାଏ କିମ୍ବା ସାକ୍ଷ୍ୟ ନଷ୍ଟ ହୋଇଯିବାର ସମ୍ଭାବନା ଥାଏ - ପୁଲିସ ପରୱାନା ନ ଥାଇ ଆପଣଙ୍କ ଘରେ ପ୍ରବେଶ କରିପାରିବ । ପରୱାନା ଥାଉ କିମ୍ବା ନ ଥାଉ ସଂପୂର୍ଣ୍ଣ ପ୍ରକ୍ରିୟା ଅନୁସରଣ କରାଯିବ । ପୁଲିସ୍ ଅତି କମ୍‌ରେ ଦୁଇଜଣ ସ୍ୱାଧୀନ ସ୍ଥାନୀୟ ସାକ୍ଷୀ ତାଙ୍କ ସାଙ୍ଗରେ ରଖିବେ । ମାଲିକଙ୍କ ଉପସ୍ଥିତିରେ ତଲାସି କରାଯିବ । ପଳାଇଯିବା ପାଇଁ ମାଲିକଙ୍କୁ କୁହାଯାଇ ପାରିବ ନାହିଁ । ପୁଲିସ୍ ଯାହା ନେଉଛନ୍ତି ତା'ର ଏକ ତାଲିକା ପ୍ରସ୍ତୁତ କରିବେ । ସାକ୍ଷୀ, ପୁଲିସ୍ ଏବଂ ମାଲିକ ଯାହା ନିଆଯାଉଛି ତାକୁ ଅନୁଧ୍ୟାନ କରି ସ୍ୱାକ୍ଷର କରିବେ । ମାଲିକଙ୍କ ସହିତ ଏକ ନକଲ ଛଡାଯିବ । ଯଦି ଘରେ କୌଣସି ପର୍ଦା ମହିଳା ଥାଆନ୍ତି, ଜଣେ ମହିଳା ଅଧିକାରୀ ତଲାସି ଦଳ ସହ ନିଶ୍ଚିତ ରହିବେ ଏବଂ ଶୋଭନୀୟତାକୁ ପୂର୍ଣ୍ଣ ରୂପେ ଧ୍ୟାନ ଦେଇ ତଲାସି କରିବେ ।

**(୭୩) ପ୍ର : ତଲାସି ପରୱାନା କ'ଣ ?**

ଉ :- ଲୋକଙ୍କ ଘର ଓ ଦପ୍ତରଗୁଡିକ ବ୍ୟକ୍ତିଗତ ସ୍ଥାନ ଏବଂ ଉପଯୁକ୍ତ କାରଣ ନଥାଇ ଏହା କର୍ତ୍ତୃପକ୍ଷ ଦ୍ୱାରା ତଲାସି ଏବଂ ପ୍ରବେଶ ପାଇଁ ଉନ୍ମୁକ୍ତ ହୋଇପାରିବ ନାହିଁ । ତେଣୁ ଆଇନ୍ ଆବଶ୍ୟକ କରେ ଯେ କେହି ପବେଶ ପାଇଁ ଚାହିଁବ ସେ ସ୍ପଷ୍ଟ କରିବ ସେ କାହିଁକି ଅଧିକାରକୁ ବିଘ୍ନ ଘଟାଇବା ପାଇଁ ଆବଶ୍ୟକ କରୁଛନ୍ତି । ତେଣୁ ପୁଲିସ୍‌କୁ ଜଣେ ମାଜିଷ୍ଟ୍ରେଟଙ୍କ ସମ୍ମୁଖକୁ ଯିବାକୁ ପଡିବ ଏବଂ ତାଙ୍କ ଚିନ୍ତା ବିଶ୍ୱାସର କାରଣ ସ୍ପଷ୍ଟ କରିବ ଯେ ପରିସରରେ ଲୁକାୟିତ ଥିବା ଦ୍ରବ୍ୟ, ଦସ୍ତାବେଜ ଓ ଲୋକ ଏକ ଅପରାଧକୁ ସମାଧାନ କରିବାରେ ତାଙ୍କୁ ସହାୟକ ହେବ । ଯଦି ମାଜିଷ୍ଟ୍ରେଟଙ୍କ ହୃଦ୍‌ବୋଧ ହେବ ଯେ ପୁଲିସ୍ ଅଧିକାରୀ "ଫିସିଙ୍ଗ ଅନୁସନ୍ଧାନ" କରୁନାହାନ୍ତି ତେବେ ସେ କ୍ଷମତା ପ୍ରଦାନ କରିବେ । କ୍ଷମତା ଅତ୍ୟନ୍ତ ସୀମିତ ଏବଂ ଏହା ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ନାମ ଓ ପାହ୍ୟା ଦେଇଥାଏ ଯିଏ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରବେଶ କରିବା ପାଇଁ ଅନୁମତି ପ୍ରାପ୍ତ ଏବଂ ଏହା ଅଦାଲତର ମୋହର ଓ ଦସ୍ତଖତରେ ଜାରି ହୋଇଥାଏ ।

**(୭୪) ପ୍ର : ଯଦି ମୁଁ ରାସ୍ତାରେ ଚାଲିକରି ଯାଉଥିବି, ଜଣେ ପୁଲିସ୍ ଅଧିକାରୀ କ'ଣ ମୋତେ ଅଟକାଇ ପାରିବେ ଏବଂ ଯାହା ଚାହିଁବେ ପଚାରି ପାରିବେ ?**

ଉ:- ନା । ସାଧାରଣତଃ ଆଇନ୍‌ଗତ ବ୍ୟାପାରରେ ଯାଉଥିବା ଲୋକଙ୍କ କ୍ଷେତ୍ରରେ ପୁଲିସ୍ ହସ୍ତକ୍ଷେପ କରିବା କଳ୍ପନା କରାଯାଉନାହିଁ । କିନ୍ତୁ ଯଦି ସେମାନେ ଭାବିବେ ଯେ ଜଣେ କେହି କୌଣସି ସ୍ଥାନରେ ଟହଲ ମାରୁଛି, ବିଶେଷ କରି ଅନ୍ଧାର ହେବା ପରେ, ଆପଣଙ୍କୁ ଅଟକାଇବାକୁ ଏବଂ ଆପଣଙ୍କ ନାମ ଓ କ'ଣ କରୁଛନ୍ତି ପଚାରିବାକୁ ସେ ହକଦାର । ଯଦି କିଛି ସନ୍ଦେହ ଜନକ କିମ୍ବା ସଂପୂର୍ଣ୍ଣ ଘଟଣାରେ ଗୋଳମାଳିଆ ଲାଗିବ ତେବେ ଆପଣ ଗିରଫ ହୋଇପାରନ୍ତି । ସନ୍ଦେହଜନକ ବ୍ୟକ୍ତି ମାନଙ୍କୁ ଓ ଅଭ୍ୟାସଗତ ଅପରାଧୀଙ୍କୁ ଧରିବା ପାଇଁ ପୁଲିସ ଅନେକ ସମୟରେ ଏହି କ୍ଷମତାକୁ ବ୍ୟବହାର କରେ । ସଂସ୍କାର ସମିତି ଗୁଡିକ ଦ୍ୱାରା ଏହି କ୍ଷମତାର ଅପବ୍ୟବହାର ଅନେକ ସମୟରେ ଆଲୋଚିତ ହୁଏ ଓ ଦୋଷ ଦିଆଯାଏ ।

**(୭୫) ପ୍ର : ଶୋଭାଯାତ୍ରା କିମ୍ବା ରାସ୍ତା ପାର୍ଶ୍ୱ ସଭାରେ ଭାଗନେବାରୁ ପୁଲିସ୍ ମୋତେ ଅଟକାଇ ପାରିବ କି ?**

ଉ:- ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଭାଗ ନେବାପାଇଁ ଆପଣଙ୍କୁ କେହି ଅଟକାଇ ପାରିବେ ନାହିଁ । କିନ୍ତୁ ଆଦର୍ଶଗତ ଭାବେ ଶୋଭାଯାତ୍ରାପାଇଁ ସ୍ଥାନୀୟ ପୁଲିସ୍ ଠାରୁ ପୂର୍ବରୁ ଅନୁମତି ନେବା ଆବଶ୍ୟକ । ଯଦି ସେମାନେ ଅନୁଭବ କରିବେ ଯେ ଶୋଭାଯାତ୍ରା ବିଶୃଙ୍ଖଳ ବା ହିଂସାତ୍ମକ ହେବାର ସମ୍ଭାବନା ରହିଛି ତେବେ ଆରମ୍ଭରୁ ଏହା କରିବାପାଇଁ ଅନୁମତି ଦେବା ନିମନ୍ତେ ସେମାନେ ମନା କରିପାରନ୍ତି । ଯଦି ଶୋଭାଯାତ୍ରା ପରେ ବିଶୃଙ୍ଖଳା ହୋଇଗଲା



ତେବେ ପୁଲିସ୍ ଏହାକୁ ବନ୍ଦ କରିପାରିବେ, ପଳାଇବା ପାଇଁ ଲୋକଙ୍କୁ କହିପାରିବେ ଏବଂ ଯଦି ସେମାନେ ଛତ୍ରଭଙ୍ଗ ନ କରନ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି । ଗୋଟିଏ ହାତରେ ଜିନିଷ ଶାନ୍ତିପୂର୍ଣ୍ଣ ରହିବା ନିଶ୍ଚିତ କରିବା ପାଇଁ ପୁଲିସର ଦାୟିତ୍ୱ ରହିଛି । ଅନ୍ୟ ହସ୍ତରେ ଶାନ୍ତିପୂର୍ଣ୍ଣ ସାଧାରଣ ସଭା କରିବାର ନାଗରିକଙ୍କ ମୌଳିକ ଅଧିକାରକୁ କାର୍ଯ୍ୟକାରୀ କରିବାରେ ସହାୟତା କରିବା ପାଇଁ ତାଙ୍କର କର୍ତ୍ତବ୍ୟ ରହିଛି ।

## (୭୬) ପ୍ର :- ରାସ୍ତାପାର୍ଶ୍ୱ ସଭା କିମ୍ବା ଶୋଭାଯାତ୍ରା ଭାଙ୍ଗିବା ପାଇଁ ପୁଲିସ ବଳ ପ୍ରୟୋଗ କରିପାରିବ କି ?

ଉ:- ହଁ । ଯାହା ହେଉ ପୁଲିସ୍ ଯାହା କରିବ ତାହା ଯଥୋଚିତ ହେବା ଆବଶ୍ୟକ ।ସେମାନେ ସେଠାରେ ନାହାନ୍ତି ଲୋକଙ୍କୁ ଦଣ୍ଡ ଦେବା ପାଇଁ । ସେମାନେ ସେଠାରେ ଅଛନ୍ତି ଜନସାଧାରଣଙ୍କ ସୁରକ୍ଷା ଏବଂ ଆଇନ ଓ ବ୍ୟବସ୍ଥା ଭଙ୍ଗ ନ ହେବା ନିଶ୍ଚିତ କରିବା ପାଇଁ । ତେଣୁ ନିୟମ ହେଉଛି ଜନଗହଳି ନିୟନ୍ତ୍ରଣ ପାଇଁ ବଳ ପ୍ରୟୋଗ ଏକ ଶେଷ ଉପାୟ ରୂପେ ବ୍ୟବହାର ହେବ । ଯଦି, ଏହା ବ୍ୟବହାର ପ୍ରକୃତରେ ହୁଏ, ଏହା ଅତି କମ୍ ହେବ, ପରିସ୍ଥିତର ସମାନୁପାତରେ ଏବଂ ଯଥାସମ୍ଭବ ଶୀଘ୍ର ସମାପ୍ତ କରାଯିବ । ବସ୍ତୁତଃ, କେବଳ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, କିମ୍ବା ପୁଲିସ୍ ଥାନାର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଦାୟୀତ୍ୱରେ ଥିବା ଅଧିକାରୀଙ୍କ ଅନୁପସ୍ଥିତିରେ ସବ୍‌ଇନସପେକ୍ଟର ପାହ୍ୟା ତଳକୁ ହୋଇନଥିବା ପୁଲିସ୍ ଅଧିକାରୀ ଏପରି ପରିସ୍ଥିତିରେ ବଳପ୍ରୟୋଗ ପାଇଁ ନିର୍ଦ୍ଦେଶ ଦେଇପାରିବେ ।

## (୭୭) ପ୍ର : ପୁଲିସ୍ ଇଚ୍ଛାରେ ଗୁଳି ଚାଳନା କରିପାରିବେ କି ?

ଉ:- ନା । ଯେତେବେଳେ ନିୟନ୍ତ୍ରଣର ସମସ୍ତ ଉପାୟ ଚେଷ୍ଟା କରାଯିବ ଏବଂ ନିଃଶେଷିତ ହୋଇଯିବ ସେପରି ଅତି ସ୍ୱତନ୍ତ୍ର ଘଟଣାରେ ମାରାତ୍ମକ ବଳ ପ୍ରୟୋଗ ହୋଇପାରିବ । ପୁଣି ଥରେ, କେବଳ ଜଣେ ମାଜିଷ୍ଟ୍ରେଟ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀ ଏପରି କାର୍ଯ୍ୟାନୁଷ୍ଠାନକୁ ସ୍ୱୀକୃତି ଦେଇ ପାରିବେ ।



(୭୮) ପ୍ର : ଯଦି ଜନଗହଳି ବିଶୃଙ୍ଖଳିତ ହୋଇଯାଏ କିମ୍ବା ପଥର ଫିଙ୍ଗେ କିମ୍ବା ସମ୍ପତ୍ତି ନଷ୍ଟ କରେ ତା' ହେଲେ ପୁଲିସ୍ କ'ଣ କରିବ ?

ଉ: - ଜୀବନ ଓ ସମ୍ପତ୍ତିର ସୁରକ୍ଷା ପୁଲିସ୍‌ର ଦାୟିତ୍ୱ କିନ୍ତୁ କିପରି ତାଙ୍କର କାର୍ଯ୍ୟାନୁଷ୍ଠାନ ପାଇଁ ଯିବେ ତାହାର ଏକ ପର୍ଯ୍ୟାୟ ରହିଛି । ପ୍ରଥମେ ପଳାଇଯିବା ପାଇଁ ଓ ଜନଗହଳି ତାହା ମାନିବା ପାଇଁ ଯଥେଷ୍ଟ ସମୟ ଦିଆଯାଇ ଅନେକ ଚେତାବନୀ ଦିଆଯିବ । ତା'ପରେ ଟିଅର ଗ୍ୟାସ ବ୍ୟବହାର କରାଯାଇପାରିବ କିମ୍ବା ଆଉ ଏକ ଚେତାବନୀ ପରେ ଲାଠି ଚାଳନାକୁ ଅବଲମ୍ବନ କରାଯିବ । ଲାଠି ମୁଣ୍ଡ ଓ କାନ୍ଧରେ ଆଘାତ ବର୍ଷଣ କରିପାରିବେ ନାହିଁ କିନ୍ତୁ ଅଣ୍ଟା ତଳକୁ ଏହା ଲକ୍ଷ୍ୟ କରାଯିବ । ଯଦି ପୁଲିସ୍ ଗୁଳିଚାଳନାକୁ ଅବଲମ୍ବନ କରୁଛନ୍ତି ତେବେ ଗୁଳିଚାଳନା ହେବ ବୋଲି ସୁସ୍ପଷ୍ଟ ଓ ସୁଭିନ୍ନ ଚେତାବନୀ ଦିଆଯିବ । ଏଠାରେ ମଧ୍ୟ ନିୟମ ହେଉଛି ବଳ ପ୍ରୟୋଗ ଅଳ୍ପ ହେବ । ତେଣୁ ଗୁଳି ଚାଳନା ମାରାତ୍ମକ ଉଦ୍ଦେଶ୍ୟରେ ନୁହେଁ ବରଂ ଜନଗହଳିକୁ ଘଉଡାଇବା ପାଇଁ ଅଳ୍ପକୁ ଏବଂ ଜନଗହଳିର ସବୁଠାରୁ ଧମକପୂର୍ଣ୍ଣ ଭାଗକୁ ଲକ୍ଷ୍ୟ କରିବ । ଯେତେ ଶୀଘ୍ର ଜନଗହଳି ଭାଙ୍ଗିବାର ଚିହ୍ନ ଦେଖାଦେବ ଗୁଳିଚାଳନା ନିଶ୍ଚିତ ବନ୍ଦ ହେବ । ଆଘାତ ପାଇଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଡ଼ାକ୍ତରଖାନା ନେବା ପାଇଁ ସହାୟତା ଯୋଗାଇଦିଆଯିବ । ଅବଶ୍ୟ ପ୍ରତ୍ୟେକ ଜଣେ ଅଧିକାରୀ, ଅଭିଲେଖ ନିମନ୍ତେ, ଏହି ଘଟଣାରେ ତାଙ୍କ ଭୂମିକା ସଂପର୍କରେ ରିପୋର୍ଟ ଦେବେ ।

(୭୯) ପ୍ର: ଏକ ଗୁପ୍ତ ସ୍ଥାନରେ ପୁଲିସ୍ ମୋତେ ଅଟକାଇ ରଖିପାରିବକି କିମ୍ବା ମୋତେ ସେମାନେ ପାଇଛନ୍ତି ବୋଲି କାହାକୁ କହିବେ ନାହିଁ ?

ଉ :- ନା । ଅଧିକାଂଶ ସମୟରେ ପୁଲିସ୍ ଏପରି କରେ ବୋଲି ଜଣାଅଛି କିନ୍ତୁ ଏହା ଆଇନ ବିରୋଧୀ ଅଟେ । ଯେତେଶୀଘ୍ର ପୁଲିସ ଆପଣଙ୍କୁ ତାଙ୍କର ହେପାଜତକୁ ନିଅନ୍ତି ଆପଣଙ୍କର ଶାରୀରିକ ସୁସ୍ଥତା ଏବଂ ଆପଣଙ୍କ ଅଧିକାର ସୁରକ୍ଷା ତାଙ୍କର ଦାୟୀତ୍ୱ ଅଟେ । ଯଦି ଆପଣଙ୍କର କୌଣସି ଅନିଷ୍ଟ ହୁଏ, କିମ୍ବା ଆପଣଙ୍କ ଅଧିକାର ଗୁଡିକୁ କୌଣସି ପ୍ରକାରର ସମ୍ମାନ ଦିଆଯାଏ ନାହିଁ, ପୁଲିସ୍ ଦାୟୀ ଅଟେ । ମନେରଖନ୍ତୁ ଏହା ଏକ ପ୍ରମୁଖ ଆଇନଗତ ବିଷୟ ।

ଏହା ପରେ, ଏହା ସତ୍ୟ ଯେ ଯେଉଁମାନେ ଥାନାକୁ ଆସନ୍ତି ସମସ୍ତଙ୍କର ଅଭିଲେଖ ଥାନାର ଡାଏରୀରେ ରଖିବାପାଇଁ ପୁଲିସ କର୍ତ୍ତବ୍ୟବଦ୍ଧ । ଯାହା ଦର୍ଶାଇବ କେତେବେଳେ ଆପଣଙ୍କୁ ପ୍ରଶ୍ନ ପଚରାଯିବା ପାଇଁ ଅଣାଯାଇଥିଲା ଏବଂ କେତେବେଳେ ଗିରଫ କରାଯାଇଥିଲା । ତଦନ୍ତକାରୀ ଅଧିକାରୀଙ୍କ କେସ୍ ଡାଏରୀରେ ମଧ୍ୟ ଏହା ରହିଥିବ । ପୁଲିସ୍ ନିୟନ୍ତ୍ରଣ କକ୍ଷ ମଧ୍ୟ ଶେଷ ୧୨ ଘଣ୍ଟା ସୁଧା ଗିରଫ ହୋଇଥିବା ସମସ୍ତଙ୍କର ତାଲିକା ପ୍ରଦର୍ଶନ କରିବେ । ଶେଷରେ, ଆପଣଙ୍କର ପରିପ୍ରଶ୍ନ ସମୟରେ ଆପଣ ଓକିଲ ପାଇବାର ହକଦାରର ଅର୍ଥ, ସର୍ବନିମ୍ନ, ହେପାଜତର ସ୍ଥାନ ନିଶ୍ଚିତ ଆପଣ ଓ ଆପଣଙ୍କ ବନ୍ଧୁ ଓ ପରିଜନଙ୍କୁ ଜଣାଥିବ ଏବଂ ପହଞ୍ଚୁହେଉଥିବ ।

(୮୦) ପ୍ର: ପୁଲିସ୍ ଥାନାରେ ପୁଲିସ୍ ଅଧିକାରୀ ମୋତେ ଧରିରଖିପାରିବେ କି କିମ୍ବା ମୁଁ ଯେତେବେଳେ ଚାହିଁବି ପଳାଇଯାଇପାରିବି କି ?



ଉ:- ଯଦି ଆପଣ ଯଥାରୀତି ଗିରଫ ହୋଇ ନାହାନ୍ତି, ଆପଣଙ୍କ ଇଚ୍ଛା ବିରୁଧରେ ଆପଣଙ୍କୁ ହାଜତରେ ରଖାଯାଇପାରିବ ନାହିଁ । ଯଦି ପୁଲିସ ଆପଣଙ୍କୁ ପ୍ରଶ୍ନ ପଚାରିବା ପାଇଁ ସମନ କରିଛନ୍ତି ତାଙ୍କ ସହ ସହଯୋଗ କରିବା

ଆପଣଙ୍କର ଦାୟୀତ୍ୱ ଏବଂ ତାଙ୍କ ଅନୁସନ୍ଧାନ ସହିତ ସାହାଯ୍ୟ କରିବା ଉଚିତ୍ । କିନ୍ତୁ ପ୍ରଶ୍ନ କରିବା ଶୀଘ୍ର ଏବଂ ଦକ୍ଷ ହେବା ଆବଶ୍ୟକ ଏବଂ ଲମ୍ବା ସମୟ ଏହାଯାଇପାରିବ ନାହିଁ । ପୁଲିସ ଥାନରେ ଶେଷ ନଥାଇ ପୁଲିସ୍ ଆପଣଙ୍କୁ ଅପେକ୍ଷା କରି ରଖିପାରିବ ନାହିଁ । ସେପରି ପରିସ୍ଥିତିରେ ଆପଣ ଯେତେବେଳେ ଚାହିଁବେ ପଳାଇଯାଇପାରିବେ ।

**(୮୧) ପ୍ର: ଧରି ନିଆଯାଉ ପୁଲିସ୍ ଅଧିକାରୀ ମୋତେ ଯିବାକୁ ଦେବେ ନାହିଁ, ମୁଁ କ'ଣ କରିପାରିବି ?**

ଉ:- ଯଦି ଆପଣ ଯଥାରିତି ଗିରଫ ହୋଇନାହାନ୍ତି, ଆପଣଙ୍କ ଇଚ୍ଛା ବିରୁଧରେ ଅଳ୍ପ ସମୟ ପାଇଁ ମଧ୍ୟ ଆପଣଙ୍କୁ ହାଜତରେ ରଖିବା ଏକ ଶୋଚନୀୟ ଅପରାଧ । ଏହାକୁ ବେଆଇନ୍ ଅଟକ କୁହାଯାଏ ଏବଂ ଆପଣ କିମ୍ବା ଆପଣଙ୍କର ପରିବାର/ବନ୍ଧୁ ଅଧିକାରୀଙ୍କ ବିରୁଧରେ ତାଙ୍କର ବରିଷ୍ଠ କିମ୍ବା ଏପରିକି ମାଜିଷ୍ଟ୍ରେଟଙ୍କ ପାଖରେ ଅଭିଯୋଗ କରିପାରିବେ । ଅଧିକ ଗୁରୁତ୍ୱ ପୂର୍ଣ୍ଣ ହେଉଛି ଆପଣ ତୁରନ୍ତ ଉଚ୍ଚନ୍ୟାୟାଳୟକୁ ଯାଇପାରିବେ, ଏପରିକି ଉଚ୍ଚତମ ନ୍ୟାୟାଳୟ ଏବଂ ଆପଣଙ୍କ ଓକିଲ, ପରିବାର କିମ୍ବା ବନ୍ଧୁଙ୍କ, ମାଧମରେ ଆପଣ ଆପଣଙ୍କୁ ତୁରନ୍ତ ଖଲାସ ପାଇଁ ବନ୍ଦୀ ଉପସ୍ଥାପନ (ହେବିୟସ କରପସ) ଦରଖାସ୍ତ ଦାଏର କରିପାରିବେ ।




**(୮୨) ପ୍ର: ବନ୍ଦୀ ଉପସ୍ଥାପନ (ହେବିୟସ କରପସ)ର ଅର୍ଥ କ'ଣ ?**

ଉ:- ଶକ୍ତିଶାଳୀ ଶାସକଙ୍କ ଅଭିକର୍ତ୍ତା (ଏଜେଣ୍ଟ)ଙ୍କ ଦ୍ୱାରା ଉଠାଇ ନେବାରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଏହା ଏକ ବହୁ ପୁରୁଣା ପ୍ରତିକାର । ଏହାର ଆକ୍ଷରିକ ଅର୍ଥ "ସଶୀରୀରରେ ଉପସ୍ଥାପନ କର" । ବେଆଇନ୍ ଅଟକ ବିରୁଦ୍ଧରେ ଏହା ଏକ ପ୍ରମୁଖ ବ୍ୟବହାରିକ ପ୍ରତିକାର । ନ୍ୟାୟାଳୟଗୁଡ଼ିକ- ଉଚ୍ଚତମ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ ଜରୁରୀ ଭାବେ ଏହା ସହିତ କାର୍ଯ୍ୟ କରିଥାନ୍ତି । ଯେଉଁ ମୂହୁର୍ତ୍ତରେ ନ୍ୟାୟାଳୟ ଅଦୃଶ୍ୟ ହେବାର ଦର୍ଶାଇ ଏକ ଦରଖାସ୍ତ ପାଆନ୍ତି, ଯାହା ଦର୍ଶାଇଥାଏ ଯେ ପୀଡିତ (ଭିକ୍ଟିମ୍) ଶେଷଥର ପାଇଁ ପୁଲିସ୍ ହାଜତରେ ଥିଲେ, ବ୍ୟକ୍ତିଙ୍କୁ ଏହା ସମ୍ମୁଖରେ ତୁରନ୍ତ ହାଜର କରାଇବା ପାଇଁ ପୁଲିସକୁ ନ୍ୟାୟାଳୟ କହିବ ଏବଂ ଯଦି ଅଟକ ନ୍ୟାର୍ଯ୍ୟ ନୁହେଁ ତେବେ ଖଲାସ କରିବାକୁ କହିବ । ଯଦି ଅଟକ ବେଆଇନ ଭାବେ ହୋଇଥାଏ ତେବେ ନ୍ୟାୟାଳୟ ପୀଡିତଙ୍କୁ କ୍ଷତିପୂରଣ ମଧ୍ୟ ଦେଇପାରନ୍ତି ।

**(୮୩) ପ୍ର: ଜଣେ ବ୍ୟକ୍ତି ଯେ ବେଆଇନ ଭାବେ ଗିରଫ ହୋଇଛନ୍ତି ଏବଂ ମୁଁ ଜାଣିନାହିଁ ସେ କେଉଁଠାରେ ରଖାଯାଇଛନ୍ତି ତାଙ୍କ ବିଷୟରେ ଜାଣିବା ପାଇଁ ଅନ୍ୟ କୌଣସି ଉପାୟ ଅଛି କି ?**

ଉ: - ହଁ । ବ୍ୟକ୍ତିଙ୍କ ଠାବ ଠିକଣା (ହୋୟାର ଏବାଉଟ) ପଚାରି କରି ଆପଣ ଏକ ସୂଚନା ଅଧିକାର ଦରଖାସ୍ତ ପୁଲିସ ଥାନରେ ଦାଖଲ କରିପାରିବେ । ଯେହେତୁ ସୂଚନା ଜଣେ ବ୍ୟକ୍ତିଙ୍କର ଜୀବନ ଓ ସ୍ୱତନ୍ତ୍ରତା ସଂପର୍କରେ ଅଟେ ପୁଲିସ୍ ୪୮ ଘଣ୍ଟା ମଧ୍ୟରେ ସୂଚନା ପ୍ରଦାନ କରିବାକୁ ବାଧ୍ୟ ।

**(୮୪) ପ୍ର: ଉଚିତ୍ କାରଣ ନଥାଇ ଜଣେ ପୁଲିସ୍ ଅଧିକାରୀ ମୋତେ ଗିରଫ କରିପାରିବେ କି ?**

ଉ:- ନାଁ । ପୁଲିସ୍ ଗିରଫ କରିପାରିବ କେବଳ ଯଦି ଗିରଫ କରିବାପାଇଁ ଉତ୍ତମ ଆଧାର ଥିବ । ଧରାଯାଉ ଜଣେ ବ୍ୟକ୍ତି ଭୁଲ କାମ କରିବା ମଝିରେ ସିଧା ଧରାପଡ଼ିଗଲେ । ଗିରଫ କରିବାପାଇଁ "ଉତ୍ତମ ଆଧାର" ଥିବା ଆବଶ୍ୟକ । କେବଳ ମାତ୍ର ଜଣେ କେହି

ଏଫ.ଆଇ.ଆରରେ କାହାର ନାମ ଉଲ୍ଲେଖ କରିଛନ୍ତି, ତାହା ଗିରଫ କରିବାର କାରଣ ହୋଇପାରିବ ନାହିଁ । ଆପଣ ଗିରଫ ହେବା ପାଇଁ ପ୍ରମାଣ ଭାବେ କିଛି ଅଧିକ ରହିଥିବା ଆବଶ୍ୟକ ।

ଦ୍ୱିତୀୟରେ, ଯଦି ଜଣେ ବ୍ୟକ୍ତି ଏକ ଅପରାଧ କରିଥିବାର ସନ୍ଦେହ କରାଯାଆନ୍ତି, ଯାହା ପାଇଁ ୭ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ରହିଛି, ତାହାହେଲେ ପୁଲିସ୍ ଅଧିକାରୀ ଗିରଫ କରିପାରିବେ ନାହିଁ ଯଦି ସେ ସନ୍ତୁଷ୍ଟ ହୁଅନ୍ତି ନାହିଁ ଯେ ପୁନର୍ବାର ଏକ ଅପରାଧ କରିବାରୁ ତାଙ୍କୁ ବାରଣ କରିବାପାଇଁ, କିମ୍ବା ପ୍ରମାଣ ନଷ୍ଟରୁ ନିବାରଣ କରିବାପାଇଁ ସେ ବ୍ୟକ୍ତି ଗିରଫ ହେବା ଆବଶ୍ୟକ । ଗିରଫ କରିବାପାଇଁ କିମ୍ବା ଗିରଫ ନକରିବା ପାଇଁ ଯାହା ଅଧିକାରୀ ନିଷ୍ପତି ନିଅନ୍ତି ସେ ବ୍ୟକ୍ତି ଲିଖିତ ଭାବେ ଏପରି କାର୍ଯ୍ୟାନୁଷ୍ଠାନର କାରଣ ଦେବେ ।

**(୮୫) ପ୍ର: ଯଦି ପୁଲିସ୍ ମୋତେ ଏକ ଅପରାଧ କରିଥିବାର ସନ୍ଦେହ କରନ୍ତି, ସେମାନେ କ'ଣ ମୋ ପରିବାର ଲୋକଙ୍କୁ ଗିରଫ କରିପାରିବେ ?**

ଉ.:- ନାଁ । ସମ୍ବନ୍ଧ ରଖିବା ଦ୍ୱାରା ଦୋଷ ନଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କର ଦୋଷ କିମ୍ବା ନିର୍ଦ୍ଦୋଷତା ତାଙ୍କର ବ୍ୟକ୍ତିଗତ କାର୍ଯ୍ୟକଳାପରୁ ବିଗ୍ଚର ହେବ ଏବଂ ସେମାନେ ଆଉ ଜଣେ ଯେ ସନ୍ଦେହ ପାତ୍ର ତାଙ୍କର ପାର୍ଶ୍ୱରେ ଅଛନ୍ତି ବା ତାଙ୍କ ସହିତ ସମ୍ବନ୍ଧିତ ତଦ୍ୱାରା ନୁହେଁ । ନିର୍ଦ୍ଦିଷ୍ଟ ଆଇନସଙ୍ଗତ କାରଣ ବ୍ୟତିତ କାହାରି ସ୍ୱାଧୀନତା ନିଆଯାଇ ପାରିବ ନାହିଁ । ପରିବାର ସଦସ୍ୟଙ୍କୁ କିମ୍ବା ବନ୍ଧୁଙ୍କୁ ପୁଲିସ୍ ଧମକ ଦେଇ ପାରିବେ ନାହିଁ କିମ୍ବା ମୂଲଗ୍ଚଲ ସାଧନ ଭାବେ ତାଙ୍କୁ ହାଜତକୁ ନେଇ ପାରିବେ ନାହିଁ । ଏପରି ବନ୍ଧକ ସେବା ଅତିକମ୍ରେ ବେଆଇନ୍ ଅଟକ କିମ୍ବା ଅପହରଣ ଭଳି ସାଙ୍ଘାତିକ ଅପରାଧ ବିବେଚିତ ହେବ ।

ପୁଲିସ ସମାଧାନ କରିବାପାଇଁ ଗ୍ଚହୁଁଥିବା ମାମଲା ଯେତେ କଷ୍ଟସାଧ୍ୟ ହେଲେ ମଧ୍ୟ, ସନ୍ଦେହ ପାତ୍ର ଉପରେ ଗ୍ଚପଦେଇ ତାକୁ ମାନିବା ପାଇଁ ବା ଦୋଷ ସ୍ୱୀକାର କରିବାପାଇଁ ସେ ବେଆଇନ୍ କାର୍ଯ୍ୟ ପଦ୍ଧତି ଅବଲମ୍ବନ କରିପାରିବେ ନାହିଁ । କେବଳ ସେହି ଲୋକମାନେ ଗିରଫ ହେବେ ଯାହା ବିରୁଦ୍ଧରେ ଚିନ୍ତା କରିବାପାଇଁ ଉତ୍ତମ ଆଧାର ଥିବ ଯେ ସେ ଅପରାଧ କରିଛନ୍ତି ।



**(୮୬) ପ୍ର : ମହିଳାମାନଙ୍କୁ ଗିରଫ କରିବା ହାଜତରେ ବ୍ୟବହାର ପାଇଁ କୌଣସି ସ୍ୱତନ୍ତ୍ର ନିୟମାବଳୀ ରହିଛି କି ?**

ଉ:- ସଂପୂର୍ଣ୍ଣ ହଁ । ଅତି ସ୍ୱତନ୍ତ୍ର କାରଣ ନଥିଲେ କୌଣସି ମହିଳାଙ୍କୁ ସୂର୍ଯ୍ୟ ଅସ୍ତ ଓ ସୂର୍ଯ୍ୟ ଉଦୟ ମଧ୍ୟରେ ଗିରଫ କରାଯାଇପାରିବ ନାହିଁ । ଏହାପରେ ମଧ୍ୟ, କାରଣ ଅଛି ବୋଲି ମାଜିଷ୍ଟ୍ରେଟ ସନ୍ତୁଷ୍ଟ ହେବାପରେ ଲିଖିତଭାବେ ଜଣେ ମାଜିଷ୍ଟ୍ରେଟଙ୍କଠାରୁ ସ୍ୱତନ୍ତ୍ର ଅନୁମତି ଅଣାଯିବା ଆବଶ୍ୟକ । ଜଣେ ମହିଳା ପୁଲିସ୍ ଅଧିକାରୀ ଗିରଫ ସମୟରେ ଉପସ୍ଥିତ ଥିବା ଆବଶ୍ୟକ । ମହିଳା ଜଙ୍କୁ ପୁଲିସ୍ ଥାନାର ଏକ ସ୍ୱତନ୍ତ୍ର ହାଜତରେ ରଖାଯିବ ଏବଂ କୌଣସି ପ୍ରକାର ପରୀକ୍ଷା କିମ୍ବା ଶାରୀରିକ ତଲାସି ଜଣେ ମହିଳା ଅଧିକାରୀ କିମ୍ବା ଡାକ୍ତର ହିଁ କରିବେ । ଏହା ପୁଲିସ୍ ଅଧିକାରୀମାନଙ୍କ ପାଇଁ ସର୍ବୋତ୍ତମ ହିତ ହେବ ଯେ ମହିଳାଙ୍କ ସମ୍ପର୍କରେ ସମସ୍ତ କ୍ରିୟାବିଧି ସାବଧାନତାର ସହ କରିବା ନିଶ୍ଚିତ କରିବେ ଏବଂ ସମସ୍ତ ଅଭିଲେଖ ଅତି ସାବଧାନତାର ସହ ରଖିବେ । ଦୃଷ୍ଟାନ୍ତ ସ୍ୱରୂପ, ଆଇନ୍ କହେ ଯେ ଯଦି ଜଣେ ହାଜତରେ ଥିବା ମହିଳା ଧର୍ଷଣ ଅଭିଯୋଗ କରନ୍ତି ଏହା ଗ୍ରହଣ ହେବ ଅନ୍ୟଥା ପୁଲିସ୍ ଅଧିକାରୀ ଏହା ଘଟିନଥିବା ଦର୍ଶାଇଥାନ୍ତି ।

(୮୭) ପ୍ରଃ ଶିଶୁଙ୍କ ବିଷୟରେ କ'ଣ ? ସେମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି କି ?



ଉ:- ସାଧାରଣ ଆଇନ୍ ଅଧିନରେ, ୭ ବର୍ଷରୁ ନିମ୍ନ ଶିଶୁ କୌଣସି ଅପରାଧରେ ଅଭିଯୁକ୍ତ ହୋଇପାରିବେ ନାହିଁ । ତେଣୁ ସେମାନଙ୍କୁ ପୁଲିସ ହାଜତକୁ ନିଆଯାଇପାରିବ ନାହିଁ । ଯାହା ହେଉ, ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ପ୍ରଶ୍ନ କରିବା, ଗିରଫ କରିବା, ହେପାଜତକୁ ନେବା, ମୁକ୍ତି ଏବଂ ଜାମିନ ସମ୍ପର୍କୀୟ ପ୍ରକ୍ରିୟା କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୦୨ ଦ୍ୱାରା ପରିଚ୍ଳଳିତ । ପ୍ରତ୍ୟେକ ପୁଲିସ ଥାନାରେ ନିଶ୍ଚିତ ରୂପେ ଜୁଭେନାଇଲ ପୁଲିସ୍ ୟୁନିଟ ରହିବ ଯେଉଁଥିରେ ସ୍ୱତନ୍ତ୍ରଭାବେ ପ୍ରଶିକ୍ଷିତ ଅଧିକାରୀ ରହିବେ । ସେମାନେ ଶିଶୁଙ୍କର ଯତ୍ନ ଓ ସୁସ୍ଥ ଅବସ୍ଥା ପାଇଁ ଦାୟୀ ଯିଏ ନିଶ୍ଚିତ ରୂପେ ହାଜତରେ ଆଦୌ ରଖାଯିବେ ନାହିଁ । ଏହା ପରିବର୍ତ୍ତେ, ଶିଶୁଙ୍କୁ ତୁରନ୍ତ ଜାମିନରେ ବାପା ମା'ଙ୍କ ଭରସାରେ ହସ୍ତାନ୍ତର କରାଯିବ । ଯଦି ବାପା ମା' ନଥାନ୍ତି, କିମ୍ବା ଏହା ଅନୁଭବ କରାଯିବ ଯେ ଶିଶୁଟି ଖରାପ ଦଳରେ ପଡିଯିବାର ବିପଦରେ ରହିଛି ତାହେଲେ କିଶୋର ନ୍ୟାୟାଳୟକୁ ଅଣାଯିବା ପର୍ଯ୍ୟନ୍ତ ଶିଶୁଟିକୁ ସ୍ଥାନୀୟ ନିରକ୍ଷଣ ଗୃହକୁ ପଠାଇଦିଆଯିବ । ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁଙ୍କ ସହ ବ୍ୟବହାର ନିୟନ୍ତ୍ରଣର ମୁଖ୍ୟ ନିତୀ ହେଲା ସମସ୍ତ ପ୍ରକ୍ରିୟା "ଶିଶୁଙ୍କର ସର୍ବୋତ୍ତମ ହିତ ସାଧନ ନିମନ୍ତେ ସେମାନଙ୍କର ଚ୍ଇଲଡି ଫ୍ରେଣ୍ଡଲି ଥଇଥାନ" ମାର୍ଗରେ ହେବ ।

(୮୮) ପ୍ରଃ ଯଦି ପୁଲିସ୍ ମୋତେ ଗିରଫ କରେ, ସେମାନେ କ'ଣ ଯେ ପର୍ଯ୍ୟନ୍ତ ଚ୍ହହିଁବେ ମୋତେ ରଖିପାରିବେ ?

ଉ:- ସମ୍ପୂର୍ଣ୍ଣ ରୂପେ ନାଁ । ପୁଲିସ ଥାନାରେ ଜଣେ ସବୁଠାରୁ ଲମ୍ବା ସମୟ ୨୪ ଘଣ୍ଟା ରଖାଯାଇପାରିବେ । ଏହା ଅଧିକତମ । ଗିରଫ କରିବାର ଯଥାର୍ଥତା ପ୍ରତିପାଦିତ କରୁଥିବା ସମସ୍ତ ଆବଶ୍ୟକୀୟ କାଗଜ ସହ ତାଙ୍କ ହାଜତରେ ଥିବା ଯେକୌଣସ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୁଲିସ୍ ୨୪ ଘଣ୍ଟା ମଧ୍ୟରେ ଏବଂ ତା'ପରେ ନୁହେଁ ଉପସ୍ଥାପିତ କରିବେ ।

(୮୯) ପ୍ରଃ ଶୁକ୍ରବାର ସଂଧ୍ୟାରେ ଗିରଫ ହେଉଥିବା ଲୋକ କିପରି ତାହେଲେ ପରବର୍ତ୍ତୀ ସୋମବାର ପର୍ଯ୍ୟନ୍ତ ହାଜତରେ ରଖାଯାଆନ୍ତି ?

ଉଃ - ଏହି ବେଆଇନ୍ ଅଭ୍ୟାସ ନିରବଛିନ୍ନ ରହିବା ପାଇଁ ପୁଲିସ୍‌ର କହିବାର ବାହାନା ହେଲା ସପ୍ତାହ ଶେଷରେ କୌଣସି ମାଜିଷ୍ଟ୍ରେଟ ଉପସ୍ଥିତ ନଥିଲେ । କିନ୍ତୁ ବାସ୍ତବରେ ଜଣେ ମାଜିଷ୍ଟ୍ରେଟ ସର୍ବଦା ଦାୟୀତ୍ୱରେ ଥାଆନ୍ତି ଯିଏ ସବୁଦିନେ ସବୁ ସମୟରେ ଉପଲବ୍ଧ । ନୀୟମିତ ଅଦାଲତ ସମୟ ବାହାରେ ହାଜତରେ ଥିବା ବ୍ୟକ୍ତିଙ୍କର ୨୪ ଘଣ୍ଟା ଶେଷ ହେଉଥିଲେ, ସେ ସର୍ବଦା ମାଜିଷ୍ଟ୍ରେଟଙ୍କ ବାସଭବନରେ ହାଜର ହୋଇପାରିବେ । ସଂନ୍ଦିଗ୍ଧକୁ ଦେଖିବା ପାଇଁ ମାଜିଷ୍ଟ୍ରେଟ ମନା କରିପାରିବେ ନାହିଁ ।

(୯୦) ପ୍ରଃ ମୁଁ କେଉଁଠାରେ ଅଛି କିଏ କିପରି ଜାଣିବ ?

ଉ:- ବ୍ୟବସ୍ଥା ମଧ୍ୟରେ ହଜିଯିବାରୁ ଅନେକ ଗୁଡ଼ିଏ ସୁରକ୍ଷା ଆଇନ ଆପଣଙ୍କୁ ଦେଇଛି । ପୁଲିସ ଆପଣଙ୍କୁ ଗିରଫ କରିବାମାତ୍ରେ ସେମାନଙ୍କୁ ଅନେକ ଗୁଡ଼ିଏ କଥା କରିବାକୁ ପଡିବ । ସେମାନେ "ଗିରଫର ମେମୋ" (ମେମୋ ଅଫ୍ ଆରେଷ୍ଟ) ଯାହାକୁ କୁହାଯାଏ ପ୍ରସ୍ତୁତ କରିବେ ଏବଂ ତାହା ସ୍ଥାନୀୟ ମାଜିଷ୍ଟ୍ରେଟଙ୍କୁ ପଠାଇବେ । ସେମାନେ ନିର୍ଣ୍ଣିତ କରିବେ ଯେ ଆପଣଙ୍କ ଜାଣୁଛନ୍ତି ଆପଣ ତୁରନ୍ତ ଜଣେ ଓକିଲ ପାଇପାରିବେ - ଆପଣଙ୍କ ନିଜର ବା ଆଇନ ସାହାଯ୍ୟ ବ୍ୟବସ୍ଥାର । ସେ ନିଶ୍ଚୟ ଆପଣଙ୍କର ଜଣେ ପରିବାରର



ସଦସ୍ୟ କିମ୍ବା ଆପଣ ବାଛିଥିବା ବନ୍ଧୁଙ୍କୁ ଆପଣ କେଉଁଠି ଅଛନ୍ତି ଜଣାଇବେ । ପୁଲିସ୍ ଦ୍ୱାରା କ୍ଷମତାର ଅପବ୍ୟବହାର ସମ୍ଭାବନାକୁ କମାଇବା ପାଇଁ ଏସବୁ ଜିନିଷ ଆଇନ୍ ଦ୍ୱାରା ଧାର୍ଯ୍ୟ କରାଯାଇଛି । ଯଦି ପୁଲିସ ଏହି ନିୟମକୁ ପାଳନ ନକରେ ତାଙ୍କୁ ଅଦାଲତକୁ ଉତ୍ତର ଦେବାକୁ ପଡ଼ିବ ।

ଅତିରିକ୍ତ ଭାବେ ଜିଲ୍ଲା ନିୟନ୍ତ୍ରଣ ଗୃହ ବାହାରେ ଏକ ସୂଚନା ଫଳକ (ନୋଟିସ ବୋର୍ଡ଼) ଗିରଫ ହୋଇଥିବା ସମସ୍ତ ବ୍ୟକ୍ତିଙ୍କର ନାମ ଓ ଠିକଣା ଏବଂ ଗିରଫ କରିଥିବା ଅଧିକାରୀଙ୍କ ନାମ ଓ ପଦବୀ ପୁଲିସ ପ୍ରଦର୍ଶନ କରିବ । ପ୍ରତ୍ୟେକ ରାଜ୍ୟର ପୁଲିସ ମୁଖ୍ୟ କାର୍ଯ୍ୟାଳୟର ନିୟନ୍ତ୍ରଣ ଗୃହ ସାଧାରଣ ଲୋକଙ୍କ ନିମନ୍ତେ, ଗିରଫ ହୋଇଥିବା ବ୍ୟକ୍ତି ଏବଂ ଯେଉଁ ଅପରାଧରେ ସେମାନେ ଦୋଷାରପ ହୋଇଛନ୍ତି ସେ ସମ୍ବନ୍ଧୀୟ ତଥ୍ୟଲିପି (ଡାଟାବେସ) ନିଶ୍ଚୟ ରଖିବେ ।

**(୯୧) ପ୍ର: "ଗିରଫ ମେମୋ" (ମେମୋ ଅଫ୍ ଆରେଷ୍ଟ) ମୋର କେଉଁ ବ୍ୟବହାରରେ ଆସିବ ?**

ଉ:- ଏହା ବେଆଇନ୍ ଅଟକ ବିରୁଧରେ ସୁରକ୍ଷା । ଗିରଫ ସ୍ମାରକରେ ଆପଣଙ୍କର ନାମ, ସମୟ, ତାରିଖ ଏବଂ ଗିରଫ ହେବା ସ୍ଥାନ ସହିତ ଗିରଫ ହେବାର କାରଣ ଓ କେଉଁ ଅପରାଧ ସନ୍ଦେହ କରାଯାଉଛି ତାହା ନିଶ୍ଚୟ ରହିବ । ଏଥିରେ ପୁଲିସ୍, ଦୁଇଜଣ ସାକ୍ଷୀ ଏବଂ ଆପଣଙ୍କର ସ୍ୱାକ୍ଷର କରାଯିବ ଏହା ନିର୍ଶ୍ଚିତ କରାଯିବାପାଇଁ ଯେ ବିବରଣୀ ସମ୍ପୂର୍ଣ୍ଣ ସତ୍ୟ ଆଧାରିତ ଘଟଣାକ୍ରମ ଦେଉଛି । ଏହା ମାଜିଷ୍ଟ୍ରେଟଙ୍କୁ ଦିଆଯିବ ଏବଂ ଯେତେବେଳେ ପ୍ରଥମଥର ପାଇଁ ମାଜିଷ୍ଟ୍ରେଟ ଆପଣଙ୍କୁ ସାକ୍ଷାତ କରୁଛନ୍ତି ସେ ଯାହା କୁହାଯାଉଛି ତାହା ସଠିକ୍ ବୋଲି ଦୋହରା ଯାଞ୍ଚ କରିବେ । ପୁଲିସ୍ ମଧ ଏକ "ନିରୀକ୍ଷଣ ସ୍ମାରକ" (ଇନ୍ସପେକ୍ସନ ମେମୋ) ପ୍ରସ୍ତୁତ କରିବେ ।

**(୯୨) ପ୍ର: "ନିରୀକ୍ଷଣ ମେମୋ" (ଇନ୍ସପେକ୍ସନ ମେମୋ) କ'ଣ ?**

ଉ: - ଆପଣ ହେପାଜତକୁ ନିଆଯାଉଥିବା ବେଳେ ଆପଣଙ୍କ ଶାରୀରିକ ଅବସ୍ଥା ସମ୍ପର୍କୀୟ ଏକ କ୍ଷୁଦ୍ର ବର୍ଣ୍ଣନା । ଆପଣଙ୍କର ସାଧାରଣ ଶାରୀରିକ ଅବସ୍ଥା ଅଭିଲିଖିତ କରାଯିବା ଆଶା କରାଯାଉଛି ଏବଂ ବୃହତ୍ତ ଓ ଲଘୁ କ୍ଷତ ବିବରଣୀ ରହିବ । ପୁଣିଥରେ, ଏହାକୁ ଆପଣ ଓ ଗିରଫ କରିଥିବା ଅଧିକାରୀ ସ୍ୱାକ୍ଷର କରିବେ ଏବଂ ଏକ ପ୍ରତିଲିପି ଆପଣଙ୍କୁ ଦିଆଯିବ । କିନ୍ତୁ ଏହି ସ୍ମାରକ ଓ ଗିରଫ ସ୍ମାରକ ମଧରେ ପ୍ରଭେଦ ହେଉଛି ଯେ ଏଥିପାଇଁ ଆପଣ ଅନୁରୋଧ କରିବେ । ଯଦି ଆପଣ ଅନୁରୋଧ ନକରନ୍ତି, ତେବେ ଏହା କରାନଯାଇପାରେ ।

ହାଜତରେ କୌଣସି ମାଡ଼ ବା ଅତ୍ୟାଚାର ନହେବା ନିର୍ଶ୍ଚିତ କରିବା ପାଇଁ ଏହି କ୍ରିୟାବିଧି ଉଦ୍ଧିଷ୍ଟ ।

କିନ୍ତୁ କିଏ ଆପଣଙ୍କୁ ପରୀକ୍ଷା କରିବ ତାହା ସ୍ପଷ୍ଟ ହୋଇନାହିଁ । ଯଦି ଗିରଫ କରିଥିବା ଅଧିକାରୀ ନିଜେ ଆପଣଙ୍କୁ ପରୀକ୍ଷା କରନ୍ତି ଏକ କାଗଜ ଫର୍ଦ ଅଳ୍ପ ସୁରକ୍ଷା ଦେଇପାରିବା । ମାତ୍ର, ଯେହେତୁ ସମସ୍ତ କାଗଜପତ୍ର ସହ ଜଣେ ଅନୁମୋଦିତ ଡାକ୍ତରଙ୍କର ପ୍ରମାଣପତ୍ର ପ୍ରଥମ ଉପସ୍ଥିତିରେ ମାଜିଷ୍ଟ୍ରେଟଙ୍କୁ ଦିଆଯିବ, ଜଣେ ଡାକ୍ତର ଆପଣଙ୍କୁ ପରୀକ୍ଷା କରିବେ ଓ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପ୍ରଥମ ଥର ପାଇଁ ଉପସ୍ଥିତ କରାଯାଉଥିବା ବେଳେ ଆପଣଙ୍କର ଶାରୀରିକ ଅବସ୍ଥା ବିଷୟରେ ବିବୃତ୍ତି ଦେବେ ।

**(୯୩) ପ୍ର: ମୁଁ ଏସବୁ କିପରି ଜାଣିବି ବୋଲି ଆଶା କରାଯାଉଛି ?**

ଉ: - ଆଇନ୍ ଅନୁଯାୟୀ ଗିରଫ ସମୟରେ ପୁଲିସ ଆପଣଙ୍କ ସମସ୍ତ ଅଧିକାର ବିଷୟରେ ଜଣାଇବ ବୋଲି ଆଶା କରାଯାଉଛି । ଏଥି ସହିତ, ଉପର ବର୍ଣ୍ଣିତ ନିର୍ଦ୍ଦେଶାବଳୀ ଯାହା

ଡି.କେ.ବସୁ ନିର୍ଦ୍ଦେଶାବଳୀ ଭାବେ ବେଳେବେଳେ କୁହାଯାଏ ଯାହା ସର୍ବୋଚ୍ଚ ଅଦାଲତ ମାମଲାପରେ ପ୍ରସ୍ତୁତ କରିଥିଲେ, ତାହା ସମସ୍ତ ପୁଲିସ୍ ଥାନା, ଚୌକି ଏବଂ ଫାଣ୍ଡିରେ ପ୍ରଦର୍ଶିତ ହେବ ।

**(୯୪) ପ୍ର : ହାଜତରେ ପୁଲିସ୍ ମୋତେ ପ୍ରହାର କରିପାରିବେ କି ?**

ଉ:- ନାଁ ।ସେ ହାଜତରେ ଆପଣଙ୍କୁ ପ୍ରହାର, ଚାପୁଡ଼ା, ଭୟଭିତ କିମ୍ବା ଡରାଇ ପାରିବେ ନାହିଁ। ଏହା ଆଇନ୍ ବିରୁଦ୍ଧରେ ଏବଂ ପୁଲିସ୍ ଅଧିକାରୀ ଏଥିପାଇଁ ଦଣ୍ଡିତ ହୋଇପାରନ୍ତି ।

**(୯୫) ପ୍ର : ଦୋଷ ସ୍ୱୀକାର କରିବାକୁ ପୁଲିସ ଅଧିକାରୀ ମୋତେ ବାଧ୍ୟ କରିପାରିବେ କି ?**



ଉ: - ନାଁ । ଆପଣଙ୍କୁ ପ୍ରଶ୍ନ କରିବା ପାଇଁ ପୁଲିସ୍ ଅଧିକାରୀଙ୍କ ଅଧିକାର ରହିଛି କିନ୍ତୁ ଯେଉଁ ବିଷୟରେ ଆପଣଙ୍କ ପାଖରେ ସୂଚନା ନାହିଁ ସେପରି କିଛି କହିବା ପାଇଁ କିମ୍ବା ଆପଣ କରିନଥିବା କୌଣସି ଅପରାଧ ସ୍ୱୀକାର କରିବାପାଇଁ ଆପଣଙ୍କୁ ବାଧ୍ୟ କରିପାରିବେ ନାହିଁ । ଯେକୌଣସି ସ୍ଥଳେ, ପୁଲିସ୍ ଅଧିକାରୀଙ୍କ ପାଖରେ କରାଯାଇଥିବା ଦୋଷ ସ୍ୱୀକାର ଅଦାଲତରେ ଗ୍ରହଣ ହେବ ନାହିଁ ।

**(୯୬) ପ୍ର : ଏତେଗୁଡ଼ିଏ କଟକଣା ସହିତ ପୁଲିସ୍ କ'ଣ ତାଙ୍କ ଦୋଷୀକୁ ଗିରଫ କରିବାର କର୍ମ କରିପାରିବେ ?**

ଉ: - ସର୍ବପ୍ରଥମେ, କିଏ ଦୋଷୀ କିମ୍ବା ନୁହେଁ ଏହା ନିଷ୍ପତ୍ତି ନେବା ପୁଲିସ୍‌ର କାମ ନୁହେଁ । ପୁଲିସ କେବଳ ସନ୍ଦେହ ପାତ୍ର ଏବଂ ଅଭିଯୁକ୍ତ ଲୋକଙ୍କୁ ଗିରଫ କରିବ । କିନ୍ତୁ ସେମାନେ ବ୍ୟବହାର କରିପାରିବେ ନାହିଁ ସତେ ଯେପରି ବ୍ୟକ୍ତିଜଣକ ପୂର୍ବରୁ ଦୋଷୀ ଏବଂ ସେମାନଙ୍କର ଅଧିକାର ଅଛି ତାଙ୍କୁ ଦଣ୍ଡ ଦେବାର । ଏହା ଅଦାଲତର କାମ । ଇତି ମଧ୍ୟରେ, ହେପାଜତରେ ଥିବା ଲୋକଙ୍କୁ ମିଥ୍ୟା ଅଭିଯୋଗ ଏବଂ ଖରାପ ବ୍ୟବହାରରୁ ସମସ୍ତ ସୁରକ୍ଷା ଦିଆଯିବ । ସେଇଥିପାଇଁ ଏହି କଟକଣା ଗୁଡ଼ିକ ରହିଛି । ପ୍ରକୃତ ପକ୍ଷେ, ଏହା ଆଦୌ କଟକଣା ନୁହେଁ କିନ୍ତୁ ସମସ୍ତଙ୍କୁ ଅଦାଲତ ସମ୍ମୁଖରେ ଉଚିତ୍ ସୁଯୋଗ ଦେବାପାଇଁ ପରିକଳ୍ପନା କରାଯାଇଥିବା ଯଥାର୍ଥ ଓ ଉଚିତ୍ ପ୍ରକ୍ରିୟା ।

**(୯୭) ପ୍ର : କିନ୍ତୁ ଅଭିଯୁକ୍ତ ବ୍ୟକ୍ତିଙ୍କ ପାଇଁ ଅନେକ ଗୁଡ଼ିଏ ଅଧିକାର ରହି ନାହିଁ କି ? ଉତ୍ପୀଡିତ ବିଷୟରେ କ'ଣ ?**

ଉ: - ଅନେକ ଲୋକ ଭାବନ୍ତି ଯେ ଉତ୍ପୀଡ଼ିତକୁ କେହି ଦେଖୁନାହାନ୍ତି । କିନ୍ତୁ ପ୍ରକୃତ ପକ୍ଷେ ରାଷ୍ଟ୍ରର ସମସ୍ତ ଶକ୍ତି ଉତ୍ପଡ଼ୀତ ପଛରେ ରହିଛି । ଉତ୍ପୀଡିତଙ୍କ ତରଫରୁ ରାଷ୍ଟ୍ର ଅଦାଲତ ସମ୍ମୁଖରେ ଚୁକ୍ତି କରିବାପାଇଁ ଅଭିଯୋଜକ (ପ୍ରସିକ୍ୟୁଟର) ନିଯୁକ୍ତି କରିଥାଆନ୍ତି । ଉତ୍ପୀଡିତଙ୍କ ତରଫରୁ ରାଷ୍ଟ୍ର ଦୋଷୀକୁ ଦଣ୍ଡ ଦେଇଥାଏ । ମାତ୍ର ଅଭିଯୁକ୍ତ ଏକୁଟିଆ ଠିଆହୋଇଥାଏ । ସେ ଆଦୌ ଦୋଷୀ ହୋଇନଥାଇ ପାରନ୍ତି । ତେଣୁ ଯିଏ ନିଜକୁ ପ୍ରତିରକ୍ଷା କରିବ ସେପରି ଜଣେ ବ୍ୟକ୍ତିଙ୍କ ବିରୁଧରେ ରାଷ୍ଟ୍ରର କ୍ଷମତାକୁ ସମାନ୍ତର କରିବାପାଇଁ ଆଇନ୍ ସୁରକ୍ଷା ପ୍ରସ୍ତୁତ କରିଛି ଏବଂ ଯିଏ ଏହା ବହନ ନକରିପାରିବ ତାଙ୍କ ପାଇଁ ମାଗଣା ଆଇନ୍ ସାହାଯ୍ୟ ସୁଯୋଗ ରହିଛି ।

(୯୮) ପ୍ରଃ ମୁଁ ପୁଲିସ୍‌ଠାରୁ ଜାମିନ୍ ପାଇପାରିବି କି ?

ଉଃ- ଏହା ନିର୍ଭର କରୁଛି । ଯଦି ଜାମିନ ଯୋଗ୍ୟ ଅପରାଧରେ ଆପଣ ଗିରଫ ହୋଇଛନ୍ତି ତେବେ ଆପଣ ପୁଲିସ୍‌ଠାରୁ ଜାମିନ ପାଇପାରିବେ । ଯଦି ଜାମିନ ବିହୀନ ଅପରାଧରେ ଆପଣ ଗିରଫ ହୋଇଛନ୍ତି, ଅଳ୍ପ କେତେକ ଅପରାଧରେ ପୁଲିସ୍ ଥାନା ଦାୟୀତ୍ୱରେ ଥିବା ଅଧିକାରୀ ଆପଣଙ୍କୁ ଜାମିନରେ ଛାଡ଼ି ପାରିବେ ।

(୯୯) ପ୍ରଃ "ଜାମିନ ଯୋଗ୍ୟ" ଅପରାଧ କ'ଣ ଓ "ଜାମିନ ବିହୀନ" ଅପରାଧ କ'ଣ ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ କି ?

ଉଃ - ହଁ । ଜାମିନ ଯୋଗ୍ୟ ଅପରାଧ ଗୁଡ଼ିକ ଅଳ୍ପ ସାଂଘାତିକ ଅପରାଧ ଯେଉଁଥିରେ ଜାମିନ ଏକ ଅଧିକାର । ସେପରି ମାମଲାରେ ଆପଣ ପୁଲିସ୍‌ଠାରୁ ତୁରନ୍ତ ଜାମିନ ପାଇପାରିବେ । ଜାମିନ ବିହୀନ ଅପରାଧଗୁଡ଼ିକ ସାଂଘାତିକ ଅପରାଧ ଯେଉଁଠାରେ ଜାମିନ ଏକ ବିଶେଷାଧିକାର । ଅଳ୍ପ କେତେକ ବ୍ୟତିକ୍ରମ ଯେଉଁଠାରେ ପୁଲିସ୍ ମଧ ଜାମିନ ମଞ୍ଜୁର କରିପାରିବ, ତାକୁ ଛାଡ଼ି ଏଥିରୁ ଅଧିକାଂଶ ଅପରାଧରେ କେବଳ ଅଦାଲତ ଜାମିନ ମଞ୍ଜୁର କରିପାରିବ ।

(୧୦୦) ପ୍ରଃ ଯଦି ମୁଁ ଜାମିନ ବିହୀନ ଅପରାଧରେ ଅଭିଯୁକ୍ତ ହେଲି ଜାମିନ ପାଇବା କ'ଣ ଅସମ୍ଭବ ?

ଉଃ - ନାଁ, ଆବଶ୍ୟକୀୟ ନୁହେଁ । ଆପଣ ଜାମିନ ବିହୀନ ଅପରାଧରେ ମଧ ଜାମିନ ପାଇପାରିବେ । ଆପଣଙ୍କୁ ଅଦାଲତ ସମ୍ମୁଖରେ ଜାମିନ ପାଇଁ ଏକ ଦରଖାସ୍ତ ଦେବାକୁ ପଡ଼ିବ । ଅଦାଲତ ଅପରାଧର ଗୁରୁତ୍ୱକୁ ଦେଖିବେ, ଜାମିନ ପାଇଲେ ଆପଣ ପଳାଇଯିବେ କି କିମ୍ବା ସାକ୍ଷୀଙ୍କୁ ଧମକାଇବେ କି କିମ୍ବା ସାକ୍ଷ୍ୟକୁ ହେରଫେର କରିବେ କି । ଯଦି ଅଦାଲତ ଅନୁଭବ କରନ୍ତି ଯେ ଆପଣ ଉପରବର୍ଣ୍ଣିତ କୌଣସି କାମ କରିବେ ନାହିଁ ତେବେ ଏହା ଜାମିନ ମଞ୍ଜୁର କରିବେ ।

(୧୦୧)ପ୍ରଃ ଏହାର ଅର୍ଥ ମୁଁ ବର୍ତ୍ତମାନ ସ୍ୱାଧୀନ ?


ଉଃ - ନାଁ । ଆପଣଙ୍କୁ ବିଗ୍ରହକୁ ସାମନା କରିବାକୁ ପଡିବ ଯେଉଁ ସମୟରେ ଅଦାଲତ ଆପଣ ଦୋଷୀ ନା ନିର୍ଦ୍ଦୋଷୀ ନିଷ୍ପତ୍ତି ନେବେ ।



# ପୁଲିସ୍ ଚିହ୍ନ




ଡାଇରେକ୍ଟର୍
ଜେନେରାଲ
ଅଫ ପୁଲିସ
(ଡି.ଜି.ପି.)



ଇନସପେକ୍ଟର
ଜେନେରାଲ
ଅଫ ପୁଲିସ
(ଆଇ.ଜି.ପି.)



ଡେପୁଟି
ଇନସପେକ୍ଟର
ଜେନେରାଲ
ଅଫ୍ ପୁଲିସ
(ଡି.ଆ.ଜି.)



ବରିଷ୍ଠ
ଆରକ୍ଷୀ ଅଧିକ୍ଷୀକ
(ଏସ.ଏସ.ପି.)



ଆରକ୍ଷୀ
ଅଧିକ୍ଷୀକ (ଏସ.ପି.)



ସହଯୋଗୀ
ଆରକ୍ଷୀ ଅଧିକ୍ଷୀକ
(ଆଡ଼ିସନାଲଏସ.ପି.)

# ପୁଲିସ୍ ଚିହ୍ନ



ସହାୟକ/
ଉପଆରକ୍ଷୀ ଅଧିକ୍ଷୀକ
(ଏ.ଏସ.ପି./
ଡେପୁଟିଏସ୍.ପି.)



ଇନସପେକ୍ଟର
(ଆଇ.ପି.)



ସହକାରୀ
ଇନସପେକ୍ଟର
(ଏସ.ଆଇ)



ଉପସହାୟକ
ଇନସପେକ୍ଟର
(ଏ.ଏସ.ଆଇ)



ମୁଖ୍ୟ
କନେଷ୍ଟବଳ
(ଏଚ.ସି.)

# ସି.ଏଚ.ଆର.ଆଇ. କାର୍ଯ୍ୟକ୍ରମ

ଲୋକଙ୍କ ଜୀବନରେ ମାନବିକ ଅଧିକାର, ଯଥାର୍ଥ ଗଣତନ୍ତ୍ର ଏବଂବିକାଶ ବାସ୍ତବରେ ପରିଣତ ହେବାପାଇଁ ରାଜ୍ୟଗୋଷ୍ଠୀ ଏବଂ ସଦସ୍ୟ ରାଷ୍ଟ୍ର ମଧ୍ୟରେ ଉତ୍ତରଦାୟୀତ୍ୱ ଏବଂ ଭାଗିଦାରୀ ପାଇଁ ଉଚ୍ଚସ୍ତରୀୟ ଏବଂ କାର୍ଯ୍ୟକ୍ଷମ ବ୍ୟବସ୍ଥା ରହିବା ଆବଶ୍ୟକ ଏହି ବିଶ୍ୱାସ ଉପରେ ସି. ଏଚ. ଆର. ଆଇ. ର କାର୍ଯ୍ୟକ୍ରମ ପର୍ଯ୍ୟବେସିତ । ଏହି ଅନୁଯାୟୀ, ମାନବିକ ଅଧିକାରର ବ୍ୟାପକ ଆଡଭୋକେସି କାର୍ଯ୍ୟକ୍ରମ ସହିତ, ସି. ଏଚ. ଆର. ଆଇ ସୂଚନା ଅଧିକାର ପ୍ରାପ୍ତି ଓ ନ୍ୟାୟ ପ୍ରାପ୍ତି ପାଇଁ ଓକିଲାତି କରିଥାଏ । ଏହା ଗବେଷଣା, ପ୍ରକାଶନ, ଶିବିର, ତଥ୍ୟ ବଣ୍ଟନ ଏବଂ ଓକିଲାତି (ଆଡଭୋକେସି) ମାଧ୍ୟମରେ କରାଯାଇଥାଏ ।

**ମାନବିକ ଅଧିକାରଓକିଲାତି :**

ସି. ଏଚ. ଆର. ଆଇ ସରକାରୀ ରାଜ୍ୟଗୋଷ୍ଠୀ ସଙ୍ଗଠନ ଏବଂ ସଦସ୍ୟ ରାଷ୍ଟ୍ରମାନଙ୍କୁ ନୀୟମିତ ପ୍ରଦାନ କରିଥାଏ । ସମୟକୁ ସମୟ ସି. ଏଚ. ଆର. ଆଇ. ତଥ୍ୟ ପ୍ରାପ୍ତି ମିଶନ କାର୍ଯ୍ୟକାରୀ କରିଥାଏ ଏବଂ ୧୯୯୫ ମସିହା ଠାରୁ ନାଇଜେରିଆ, ଜାମ୍ବିଆ, ଫିଜି ଦ୍ୱୀପପୁଞ୍ଜ ଏବଂ ସିରାଲିଅନକୁ ମିଶନ ପଠାଇଛି । ସି. ଏଚ. ଆର. ଆଇ ମଧ ରାଜ୍ୟଗୋଷ୍ଠୀ ମାନବିକ ଅଧିକାର ନେଟୱାର୍କ ପରିଚାଳନା କରିଥାଏ, ଯାହା ଏକାଧିକ ଦଳକୁ ସମ୍ମିଳିତ କ୍ଷମତା ଗଠନ ପାଇଁ ମାନବିକ ଅଧିକାର ଓକିଲାତି ପାଇଁ ଏକତ୍ର ଆଣିଥାଏ ।

**ସୂଚନା ଅଧିକାର ପ୍ରାପ୍ତି :**

ସି. ଏଚ. ଆର. ଆଇ. ନାଗରିକ ସଙ୍ଗଠନ ଏବଂ ସରକାର ପ୍ରେରିତ କରିଥ ଏକାର୍ଯ୍ୟାନୁଷ୍ଠାନ ନେବା ପାଇଁ, କଠିନ ବିଧି ପ୍ରଣୟନ ପାଇଁ ବୈଷୟିକ ପ୍ରବୀଣହବ୍ ରୂପେ କାର୍ଯ୍ୟ କରିଥାଏ ଏବଂ ସହଯୋଗୀଙ୍କୁ ଭଲ ପ୍ରୟୋଗ କାର୍ଯ୍ୟକାରୀ କରିବା ପାଇଁ ସହଯୋଗ ଯୋଗାଇଥାଏ । ସି. ଏଚ. ଆର. ଆଇ ସ୍ଥାନୀୟ ଦଳ ଓ ପଦାଧିକାରୀଙ୍କ ସହମିଳିତ ଭାବରେ କାର୍ଯ୍ୟକରିଥାଏ, ସରକାର ଏବଂ ନାଗରିକ ସଙ୍ଗଠନଙ୍କ ରକ୍ଷମତା ବୃଦ୍ଧି କରିଥାଏ ଏବଂ ନୀତି ପ୍ରସ୍ତୁତକାରୀଙ୍କ ସହ ଓକିଲାତି କରିଥାଏ । ସି. ଏଚ. ଆର. ଆଇ ଦକ୍ଷିଣ ଏସିଆ ରେସକ୍ରିୟ, ଭାରତରେ ଏକ ଜାତୀୟ ଆଇନ୍ ନିମନ୍ତେ ଏକ ସଫଳ ଅଭିଯାନକୁ ନିକଟରେ ସହଯୋଗ କରିଛି; ଆଫ୍ରିକାରେ ଆଇନ୍ ପ୍ରସ୍ତୁତି କରିବା ପାଇଁ ସହଯୋଗ ଏବଂ ତଥ୍ୟ ଯୋଗାଇଛି; ଏବଂ ପେସିଫିକ୍‌ରେ ଆଞ୍ଚଳିକ ଏବଂ ଜାତୀୟ ଅନୁଷ୍ଠାନ ସହିତ ପ୍ରାପ୍ତିବିଧି ପ୍ରଣୟନରେ କାର୍ଯ୍ୟକରିଛି ।

**ନ୍ୟାୟ ପ୍ରାପ୍ତି**

**ପୁଲିସ ସଂସ୍କାର :** ବ୍ୟାପକ ଅଧିକାର ଉଲଙ୍ଘନ ଏବଂ ନ୍ୟାୟ ପ୍ରତ୍ୟାଖ୍ୟାନ ହେଉଥିବାରୁ ଅନେକ ରାଷ୍ଟ୍ରରେ ପୁଲିସକୁ ନାଗରିକ ଅଧିକାରର ରକ୍ଷକଭାବେ ନୁହେଁ ବରଂ ଏବଂ ଦମନ ମୂଳକ ସାଧନ ଭାବେ ଦେଖାଯାଏ । ସି. ଏଚ. ଆର. ଆଇ ବ୍ୟାପକ ସଂସ୍କାର ପ୍ରସାର କରିଥାଏ ଯାହାଦ୍ୱାରା ବର୍ତ୍ତମାନ ଶାସନର ସାଧନ ରୂପେ ନୁହେଁ ବରଂ ଆଇନର ଶାସନର ରକ୍ଷକ ରୂପେ ପୁଲିସ କାର୍ଯ୍ୟ କରିପାରିବ । ଭାରତରେ, ସି. ଏଚ. ଆର. ଆଇ. ର କାର୍ଯ୍ୟକ୍ରମ ପୁଲିସ ସଂସ୍କାର ପାଇଁ ଜନସହଯୋଗ ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ । ପୂର୍ବ ଆଫ୍ରିକା, ଦକ୍ଷିଣ ଏସିଆ ଏବଂ ଘାନାରେ ସି. ଏଚ. ଆର. ଆଇ ପୁଲିସ ଉତ୍ତରଦାୟୀତ୍ୱ ଏବଂ ରାଜନୈତିକ ହସ୍ତକ୍ଷେପ ପରୀକ୍ଷା କରିଥାଏ ।

**ବନ୍ଦୀସଂସ୍କାର :** ସି. ଏଚ. ଆଇ. ଆଇର କାର୍ଯ୍ୟ ପାରମ୍ପରିକ ବନ୍ଦ ବ୍ୟବସ୍ଥାର ବର୍ଦ୍ଧିତ ସ୍ୱଚ୍ଛତା ଏବଂ ଅସଦାଚାରର ଅନାବୃତ୍ତ ହେବା ଉପରେ କେନ୍ଦ୍ରୀଭୂତ । ଆଇନ୍ ବ୍ୟବସ୍ଥାର ଅସଫଳତା ଯାହା ଭୀଷଣ ଗହଳି ଏବଂ ପୂର୍ବବିଚାରଣ ଅଟକ ଏବଂ ଜେଲରେ ଅଧିକ ଦିନ ରହିବା ପ୍ରଭୃତି ପ୍ରମୁଖ କ୍ଷେତ୍ର ଉପରେ କେନ୍ଦ୍ରୀଭୂତ ଏବଂ ଏହାକୁ ସାମାନ୍ୟ କରିବା ପାଇଁ ହସ୍ତକ୍ଷେପ କରିଥାଏ । ଅନ୍ୟ କ୍ଷେତ୍ରଟି ହେଉଛି ଜେଲର ଅଣଦେଖା ବ୍ୟବସ୍ଥାକୁ ପୁନରଜ୍ଜୀବିତ କରାଇଥାଏ ଯାହା ସମ୍ପୂର୍ଣ୍ଣ ଅସଫଳ । ଆମେ ବିଶ୍ୱାସ କରୁଛୁ ଏହି କ୍ଷେତ୍ରଉପରେ ଅଧିକ ଦୃଷ୍ଟିଦେବା ଦ୍ୱାରାଜେଲ ପ୍ରଶାସନରେ ଉନ୍ନତି ଅଣାଯାଇ ପାରିବ ଏବଂ ନ୍ୟାୟ ପ୍ରଶାସନ ଉପରେ କରା ଘାତ କରାଯାଇପାରିବ ।

# ବୟସ୍କଙ୍କ ଶିଖିବା ପାଇଁ ଶିଶୁଙ୍କ ବହି

ସହଯୋଗରେ ପ୍ରକାଶିତ
ଫେଡରିଚ ନାଉମାନ ଷ୍ଟିଫଟଙ୍ଗ FÜR DIE FREIHEIT

ୟୁଏସ୍ ଓ ହାଉସ ୬, ସ୍ପେଶାଲ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ ନୂଆଦିଲ୍ଲୀ - ୧୧୦୦୬୭, ଇଣ୍ଡିଆ
ଫୋନ : +୯୧-୧୧-୨୬୮୬୨୦୬୪ କିମ୍ବା +୯୧-୧୧-୨୬୮୬୩୮୪୬
ଫାକ୍ସ : +୯୧-୧୧-୨୬୮୬୨୦୪୨
www.southasia.fnst.org/www.stiftung-freiheit.org

**Delegation of the European Union to India**
**49, Sunder Nagar, New Delhi – 110003**
**Phone: +91-11-42195219**
**Fax: +91-11-41507206, 07**
**Website: http://eeas.europa.eu/delegations/ondia/index_en.htm**

ୟୁରୋପିଆନ ୟୁନିୟନର ଆର୍ଥିକ ସହାୟତାରେ ଏହି ରିପୋର୍ଟ ପ୍ରକାଶ ପାଇଛି । ୨୭ଟି ସଦସ୍ୟ ରାଷ୍ଟ୍ରଙ୍କୁ ନେଇ ୟୁରୋପିଆନ ୟୁନିୟନ ଗଠିତ ହୋଇଛି ଯେଉଁମାନେ ନିଷ୍ପତ୍ତି ନେଇଛନ୍ତି ଯେ କ୍ରମଶଃ ସେମାନଙ୍କର ଜ୍ଞାନ କୌଶଳ, ସମ୍ବଳ ଏବଂ ଭାଗ୍ୟ ମିଳନ କରିବେ । ଏକତ୍ରଭାବେ, ୫୦ ବର୍ଷର ଅବଧିର ବିବର୍ଦ୍ଧନରେ, ସେମାନେ ସାଂସ୍କୃତିକ ବିଭିନ୍ନତା, ସହିଷ୍ଣୁତା ଓ ବ୍ୟକ୍ତି ସ୍ୱାଧୀନତାକୁ ରକ୍ଷଣାବେକ୍ଷଣ। କରିବାବେଳେ ଏକ ସ୍ଥିରତା ଅଞ୍ଚଳ, ଗଣତନ୍ତ୍ର ଓ ସହନୀୟ ବିକାଶ ଗଠନ କରିଛନ୍ତି । ୟୁରୋପିଆନ ୟୁନିୟନ ଏହାର ସୀମା ବାହାରେ ଦେଶ ଓ ଲୋକଙ୍କ ସହ ଏହାର ସଫଳତା ଏବଂ ମୂଲ୍ୟବୋଧକୁ ବଣ୍ଟନ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ।

ଏହି ରିପୋର୍ଟର ବିଷୟବସ୍ତୁ କମନ୍ ୱେଲଥ ହ୍ୟୁମାନ ରାଇଟ୍ ଇନିସିଏଟିଭ ସମ୍ପୂର୍ଣ୍ଣ ଦାୟୀତ୍ୱ ଏବଂ କୌଣସି ପରିସ୍ଥିତିରେ ୟୁରୋପିଆନ ୟୁନିୟନର ସ୍ଥିତିକୁ ଏହା ପ୍ରକାଶ କରୁଥିବା ବିବେଚନା କରାନଯାଇପାରେ ।

**COMMONWEALTH HUMAN RIGHTS INITIATIVE**
**55A, Third Floor, Siddharth Chambers, Kalu Sarai, New Delhi 110 016, INDIA**
**Tel: +91-11-4318-0200, 4318-0201**
**Fax: +91-11-4618-0217**
**info@humanrightsinitiative.org; www.humanrightsinitiative.org**